
# ପରିକଳ୍ପନା ୨

## କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ଓ ରୂପରେଖ









cysd
Enable-Empower-Include...

apmas

# କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଭୂମିକା

## ପ୍ରଶାସନିକ



- ସଦସ୍ୟତା ଗ୍ରହଣ ଏବଂ ରଦ୍ଦ
- କାର୍ଯ୍ୟକର୍ତ୍ତାମାନଙ୍କ ନିର୍ବାଚନ ଏବଂ ବହିଷ୍କାର
- ନୀତି ଏବଂ ଯୋଜନାସମୂହ ପ୍ରସ୍ତୁତକରିବା
- କାର୍ଯ୍ୟକାରିଣୀ କମିଟି ଏବଂ ସବ୍-କମିଟି ଗଠନ
- କର୍ମଚାରୀମାନଙ୍କୁ ନିଯୁକ୍ତି ଏବଂ ସେମାନଙ୍କ କାମର ସମୀକ୍ଷା
- ନିୟମିତ ଅଗ୍ରଗତିକୁ ସମୀକ୍ଷା କରିବା
- ଅନ୍ୟ ସଙ୍ଗଠନ, ସଂଘ ଏବଂ ମହାସଂଘରେ ସଦସ୍ୟତା ନିର୍ଦ୍ଧାରଣ କରିବା

## ଆର୍ଥିକ

- ପାଣ୍ଠି ଯୋଗାଡ ବା ସଂଗ୍ରହ କରିବା
- ପାଣ୍ଠିର ବ୍ୟବହାର
- ପାଣ୍ଠି ଓ ସମ୍ପତ୍ତିସମୂହକୁ ସୁରକ୍ଷିତ ରଖିବା
- ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା କରିବା
- ହିସାବ ଓ ନଥିପତ୍ର ପରିଚାଳନା କରିବା
- ବ୍ୟବସାୟର ଆଦାନପ୍ରଦାନ ପର ବଳକା ଅର୍ଥ ଯଥାର୍ଥଭାବେ ବଣ୍ଟନ କରିବା
- ନିଅଣ୍ଟର ପରିଚାଳନା



## ବୈଧାନିକ




- ନିର୍ବାଚନ ସବୁ ପରିଚାଳନା କରିବା
- ହିସାବ ଓ ନଥିପତ୍ର ଅଡିଟ୍ କରିବା
- ବାର୍ଷିକ ଆୟକର ଇତ୍ୟାଦି ଦାଖଲ କରିବା
- ଉପବିଧି, ନିୟମ ସଂଶୋଧନ କରିବା
- ସାଧାରଣ ପରିଷଦ ଓ ବୋର୍ଡ ବୈଠକସମୂହ ପରିଚାଳନା କରିବା

## ୨
### ମଡ୍ୟୁଲ

# ପରିକଳ୍ପନା

## କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ଓ ରୂପରେଖ

କୃଷକ ଉତ୍ପାଦକ ସଙ୍ଗଠନ
ବୋର୍ଡର ନିର୍ଦ୍ଦେଶକମଣ୍ଡଳୀମାନଙ୍କ ପାଇଁ ଶିକ୍ଷଣ ପେଟିକା



DGRV apmas cysd
Enable-Empower-Include...

# ପରିକଳ୍ପନା

## କୃଷକ ଉତ୍ପାଦକ ସଙ୍ଗଠନର
## ଗଠନ ଢାଞ୍ଚା ଓ ରୂପରେଖ

ପ୍ରଥମ ସଂସ୍କରଣ – ଫେବୃୟାରୀ ୨୦୨୧
ମୂଲ୍ୟ – ୧୦୦ ଟଙ୍କା ମାତ୍ର

ପୁନଃ ପ୍ରକାଶନର ଅଧିକାର ସଂରକ୍ଷିତ। ଏହି ପୁସ୍ତିକା ଏପିମାସ୍‌ର ଅନୁମତିରେ ଏପିମାସ୍ ଓ ଡି.ଜି.ଆର୍.ଭି.ର ଲୋଗ ଥାଇ ପୁନଃ ପ୍ରକାଶନ ହୋଇପାରିବ।

ଏହି ବହି ପାଇଁ, ଆପଣ ଏପିମାସ୍ ଅଫିସକୁ ଫୋନ୍ କିମ୍ବା ଇ-ମେଲ୍ ପଠାଇ ଯୋଗାଯୋଗ କରିପାରିବେ।

**ଅନୁବାଦ**

**ସି ୱାଇ ଏସ୍ ଡ଼ି**
ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ
ପୋଷ୍ଟ - ଆର.ଆର.ଏଲ୍., ଭୁବନେଶ୍ୱର - ୭୫୧୦୧୩ ଓଡ଼ିଶା
ଫୋନ୍ - ୦୬୭୪ ୨୩୦୦୯୮୩, ୨୩୦୧୭୨୫
ଇ ମେଲ୍ - cysd@cysd.org / info@cysd.org
ୱେବ୍‌ସାଇଟ୍ - www.cysd.org

**ପ୍ରକାଶକ:**

| | |
|---|---|
| apmas | **ମହିଳା ଅଭିବୃଦ୍ଧି ସୋସାଇଟି (ଏପିମାସ୍)**<br>ପ୍ଲଟ୍ ନଂ - ୧୧ ଏବଂ ୧୨, ହୁଡା କଲୋନି, ଟନେସା ନଗର, ମନିକୋଣ୍ଡା,<br>ହାଇଦ୍ରାବାଦ - ୫୦୦୦୮୯, ତେଲେଙ୍ଗାନା, ଭାରତ<br>ଅଫିସ୍ ଫୋନ୍ - ୦୮୪୧୩-୪୦୩୧୧୮/୦୮୪୧୩-୪୦୩୧୨୦<br>ଇ-ମେଲ୍ ଆଇଡି - info@apmas.org<br>ୱେବ୍‌ସାଇଟ୍ - www.apmas.org |

# କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ପାଇଁ
# ଆତ୍ମ-ଶିକ୍ଷଣ ପେଟିକା କାହିଁକି ?

ଯଦିଓ ଭାରତୀୟ ଚାଷୀ ବା କୃଷକମାନେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ବିଗତ ଦଶନ୍ଧିରେ "କୃଷି" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲାଭ କରିଛି । ପଲିସି ପ୍ରସ୍ତୁତକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ଦ୍ୱାରା କୃଷକମାନଙ୍କୁ ସେମାନଙ୍କ ସମୂହ ଯଥା; ଚାଷୀ/ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ (FPO) କୃଷକମାନଙ୍କ ଉନ୍ନତି ପାଇଁ ସର୍ବାଧିକ ଆନୁଷ୍ଠାନିକ ବ୍ୟବସ୍ଥା ରୂପେ ଗଢ଼ି ଉଠିଛି । ଆସନ୍ତା ୫ ବର୍ଷ ମଧ୍ୟରେ ଭାରତବର୍ଷରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବାପାଇଁ କୃଷକମାନଙ୍କର ଉତ୍ପାଦକ ସଂଗଠନ ବିଚାର ଅଦାଲତର ବିନା ସାହାଯ୍ୟରେ ଏକ ରଣନୀତି । ଭାରତବର୍ଷରେ ୫୦୦୦ କୃଷକ ଉତ୍ପାଦକ ସଂଗଠନଗୁଡିକ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଗଠନ କରାଯାଇ ସୁଦୃଢ଼ କରାଯାଉଅଛି ଏବଂ ଆହୁରି ଅନେକ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଅଛି । ତେଲୁଗୁ ଭାଷା ବାସୀ ରାଜ୍ୟ ଯଥା; ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ୭୦୦ କୃଷକ ଉତ୍ପାଦକ ସଂଗଠନ ଅଛି । କୃଷକ ଉତ୍ପାଦକ ସଂଗଠନ ଗଢ଼ିବା ଆନ୍ଦୋଳନ ଏ ପର୍ଯ୍ୟନ୍ତ ଜନ୍ମହୋଇ ବଢୁଥିବା ପର୍ଯ୍ୟାୟରେ ଅଛି ଯାହା ସହିତ ସେଗୁଡିକର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ପୃଷ୍ଠପୋଷକ ମାନଙ୍କ ଉପରେ ନିର୍ଭର କରୁଛନ୍ତି । ଯେଉଁମାନଙ୍କର ଲକ୍ଷ୍ୟ, ବ୍ୟବସାୟିକ ଚିନ୍ତାଧାରା, ପ୍ରଶିକ୍ଷଣ ଏବଂ ଦକ୍ଷତା ସୀମିତ ଅଟେ କାରଣ ସେମାନଙ୍କ ପାଇଁ ଖୁବ୍ କମ୍ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି । ଏକ ବଳିଷ୍ଠ, ନିଷ୍ଠାବାନ୍ ଏବଂ ଉପଯୁକ୍ତ ତାଲିମ୍ପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ପାଇବା କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ କଠିନ ବ୍ୟାପାର । କୃଷକ ଉତ୍ପାଦକ ସଂଗଠନ ଅନ୍ୟ କେତେଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି ଯଥା; ଉତ୍ତମ ସୁଶାସନ, ବ୍ୟବସାୟ ପରିଚାଳନା, ସଫଳ ବ୍ୟବସ୍ଥା ଏବଂ ଅର୍ଥ ଓ ବଜାର ସହିତ ସରକାରୀ ଯୋଜନା ପାଖରେ ପହଞ୍ଚିବା । କୃଷିଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ବିକାଶକୁ ଉତ୍ତମରୂପେ ପ୍ରଭାବିତ କରିବା, କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଦୁରୁହ ବ୍ୟାପାର ଅଟେ ।

ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ହେଉଛି ମୌଳିକ ଏବଂ କୃଷକ ଉତ୍ପାଦକ ସଂଗଠନର ସଫଳତା ଏବଂ ସେମାନେ ବ୍ୟବସାୟିକ ଅନୁଷ୍ଠାନ ରୂପେ ଗଢ଼ି ଉଠିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ସହିତ ସେମାନଙ୍କ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଚାଷରୁ ଲାଭାଂଶ ବୃଦ୍ଧି କରିବା ପାଇଁ ଏହା ଆନୁସାଙ୍ଗିକ ଭାବରେ ଆବଶ୍ୟକ ହୁଏ । ଲଗାତର ପ୍ରଶିକ୍ଷଣ ଏବଂ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ, କର୍ମଚାରୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ବିକାଶ କେନ୍ଦ୍ର ଜରିଆରେ ପ୍ରାଥମିକତା ଅଟେ ଯାହାକି ଆମ୍ଭେ ଅନେକଗୁଡିଏ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ଅନ୍ୟମାନଙ୍କ ଦ୍ୱାରା ଗଠିତ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପଥପ୍ରଦର୍ଶନ କାର୍ଯ୍ୟରେ ସଂଶ୍ଳିଷ୍ଟ ଅଛୁ ଏବଂ ସେମାନଙ୍କୁ ଉପଯୁକ୍ତ କୃଷିଜାତ ଦ୍ରବ୍ୟ ମୂଲ୍ୟ ଶୃଙ୍ଖଳ ବିକାଶ ପ୍ରଚେଷ୍ଟା ଗୁଡ଼ିକରେ ସଂଶ୍ଳିଷ୍ଟ ହେବାକୁ ଚେଷ୍ଟା ଜାରି ରଖିଛୁ ।

ପୂର୍ବରୁ ଥିବା କୃଷକ ଉତ୍ପାଦକ ସଂଗଠନ ପାଇଁ ପ୍ରଶିକ୍ଷଣ ପେଟିକା ଓ ପ୍ରଶିକ୍ଷକଙ୍କ ପାଇଁ ସମୀକ୍ଷା କଲାବେଳେ, ଆମ୍ଭେ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ନିମନ୍ତେ ଗୁଣାତ୍ମକ, ପ୍ରୟୋଗାତ୍ମକ ଏବଂ ବ୍ୟବହାର ଉପଯୋଗୀ ବା ବ୍ୟବହାରକାରୀଙ୍କ ସାଥୀ ଆତ୍ମ-ଶିକ୍ଷଣ ପେଟିକା ପାଇଲୁ ନାହିଁ । ଆମ୍ଭର ସ୍ୱୟଂ ସହାୟକ ସଂଗଠନ ପାଇଁ ନିଜର ପରିଚାଳନା ଉପରେ ବହୁତ ଦିନର ଅଭିଜ୍ଞତାକୁ ଭିତ୍ତିକରି ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତି ଏବଂ ୧୮ ବର୍ଷର ସଂଗଠନ ସୁଦୃଢ଼ କରି ବା ତାଲିମ୍ର ଅନୁଭୂତିକୁ ପାଥେୟ କରି ଶ୍ରୀ ମଧୁମୂର୍ତ୍ତି

ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ ଅନୁଷ୍ଠାନ, ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ, ଅନୁଷ୍ଠାନର ଢାଞ୍ଚା, ସଦସ୍ୟତା, ନେତୃତ୍ୱ ଏବଂ ସ୍ୱଶାସନ, ପରିଚାଳନା, ପଞ୍ଜୀକରଣ ଏବଂ ଆଇନ୍‌ଭିତ୍ତିକ ନିୟମ ପାଳନ, ବ୍ୟବସାୟିକ ଯୋଜନା, ଉତ୍ପାଦନ ବୃଦ୍ଧି, ସାମୂହିକ ବଜାର (ସାଧନ ପ୍ରବେଶ ଓ ଫଳାଫଳ ପ୍ରାପ୍ତ), କୃଷିଭିତ୍ତିକ ସେବା କେନ୍ଦ୍ର ପରିଚାଳନା, ଆର୍ଥିକ ଏବଂ ହିସାବ କିତାବର ପରିଚାଳନା ସମ୍ବନ୍ଧିତ ବିଷୟବସ୍ତୁ ଥାଇ କ୍ରମାନ୍ୱୟରେ ୧ ୨ଟି ସହଜ ଓ ବ୍ୟବହାର-ଯୋଗ୍ୟ ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତ କରିଛନ୍ତି ।

ଯେହେତୁ କୃଷକ ଉତ୍ପାଦକ ସଂଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ଚିରସ୍ଥାୟୀ ବ୍ୟବସାୟିକ ଅନୁଷ୍ଠାନ, ତେଣୁ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସବୁବେଳେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ଏହାର ମୁଖ୍ୟକାରଣ ହେଲା ଏହି ନିର୍ଦ୍ଦେଶକମଣ୍ଡଳୀ ଓ କର୍ମକର୍ତ୍ତା କିଛି ବର୍ଷ ଅନ୍ତରରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତି । ଆମ୍ଭେ ନିଶ୍ଚିତ ଯେ, ଏହି ସହଜ ବ୍ୟବହାର ଯୋଗ୍ୟ, ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ସେମାନଙ୍କ ସଦସ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକମାନେ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କୁ ଏହି ଆତ୍ମ-ଶିକ୍ଷଣ ପେଟିକାରୁ ଶିକ୍ଷାପ୍ରାପ୍ତ କରିବା ପାଇଁ ସହାୟତା କରିପାରିବେ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକ ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଏହି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ-ଅଧ୍ୟୟନ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ କରିବା ସହିତ କୃଷକ ଉତ୍ପାଦକ ସଂଗଠନକୁ ଏକ ସ୍ୱୟଂ-ପରିଚାଳିତ ଏବଂ ସୁଦୃଢ଼ ବ୍ୟବସାୟ ଅନୁଷ୍ଠାନ କରି ଗଢ଼ି ତୋଳିପାରିବେ । ଏପିମାସ ଏହି ଆତ୍ମ-ଅଧ୍ୟୟନ ପେଟିକାକୁ ତେଲୁଗୁ, ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିବାର ଦାୟିତ୍ୱ ନେଇଛି, ଯାହା ଚାହିଦା ଉପରେ ପର୍ଯ୍ୟବେସିତ । ଏହି ପେଟିକା ଉପଯୁକ୍ତ ଭାବରେ ଅନ୍ୟ ଭାରତୀୟ ଭାଷାରେ ସମ୍ବଳ ଅନୁଷ୍ଠାନ, ରାଜ୍ୟ ସରକାର ଓ ନାବାର୍ଡ ଏବଂ ଅନ୍ୟ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇପାରିବ । ଏପିମାସ୍ ଏହି ପ୍ରଚେଷ୍ଟାକୁ ନିଶ୍ଚିତ ରୂପେ ସହଯୋଗ କରିବ । ଆପଣଙ୍କ ମତାମତ ଅପେକ୍ଷାରେ !

ଧନ୍ୟବାଦ ସହ
ସି.ଏସ୍. ରେଡ୍ଡି
ମୁଖ୍ୟ କାର୍ଯ୍ୟନିର୍ବାହୀ, ଏପିମାସ୍

# କୃତଜ୍ଞତା

ଦେଶର ଶତକଡା ୭୦ଭାଗ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କୃଷକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପାଇବା ଆଜି ଦିନରେ ଏକ ଦୁରୁହ ବ୍ୟାପାର। ଚାଷୀକେନ୍ଦ୍ରିକ କୃଷିକୁ ସୁଚାରୁରୂପେ ଆପଣା ଯାଇପାରିନାହିଁ। ଚାଷଜନିତ ବହୁମୁଖୀ ସମସ୍ୟା ଯୋଗୁ ଚାଷପ୍ରତି ଚାଷୀର ଆଗ୍ରହ କମିବାରେ ଲାଗିଛି। ଖୁସିର ଖବର କୃଷକମାନଙ୍କ ଉନ୍ନତି ପାଇଁ ଏବେ କୃଷକ ଉତ୍ପାଦକ ସଙ୍ଗଠନମାନ ଗଢିଉଠୁଛି। କୃଷିଜାତ ଦ୍ରବ୍ୟର ବିକ୍ରିବଟାକୁ ପ୍ରଭାବିତ କରିବା କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଦାୟିତ୍ୱ ଅଟେ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ବ୍ୟବସାୟିକ ସଙ୍ଗଠନ।ଏହି ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସର୍ବଦା ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି ୬ଟି ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ କରିବା ଓ ସେମାନଙ୍କର ସଦସ୍ୟମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ। ଏହି ଆତ୍ମ-ଶିକ୍ଷଣ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ ସହିତ ଏହା କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ସ୍ୱୟଂଚାଳିତ ଏବଂ ଦୃଢ ବ୍ୟବସାୟିକ ସଙ୍ଗଠନ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ଆମର ଆଶା।

ଏପିମାସ୍ (APMAS)ଦ୍ୱାରା ପ୍ରସ୍ତୁତ ୬ଟି ଶିକ୍ଷଣ ପେଟିକାକୁ ଓଡିଆ ଭାଷାରେ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଆମ୍ଭେ ସଙ୍ଗଠନକୁ କୃତଜ୍ଞତା ଜ୍ଞାପନ କରୁଅଛୁ। ଏଥିରେ ଶ୍ରୀମତୀ ଭାରତୀ ମହାପାତ୍ରଙ୍କୁ ଅନୁବାଦ ପାଇଁ ଏବଂ ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଶୋଧନ ପାଇଁ ଧନ୍ୟବାଦ ଜଣାଉଛୁ । ଆଶା, ଏହି ଆତ୍ମ-ଶିକ୍ଷଣ ପେଟିକାଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଉପାଦେୟ ହେବ।

cysd
Enable-Empower-Include...

**ଜଗଦାନନ୍ଦ**
ମାର୍ଗଦର୍ଶକ

# ସୂଚୀପତ୍ର


ଶିକ୍ଷଣ ପେଟିକା ବିଷୟରେ ........................................................................................ ୦୭

କଠିନଶବ୍ଦ (ଆକ୍ରୋନିମ୍‌ସ)........................................................................................ ୦୯

କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ ........................................................................................ ୧୨

୧. କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା........................................................................ ୧୩

୨. କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରିଣୀ ବ୍ୟବସ୍ଥା.......................................................... ୧୬

୩. ଭୂମିକା ଓ ଦାୟିତ୍ୱସମୂହ ........................................................................................ ୨୨

ପଠନ ବିଷୟ ........................................................................................ ୩୫

କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ ........................................................................................ ୪୨

# ଶିକ୍ଷଣ ପେଟିକା ବିଷୟରେ

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଶିକ୍ଷଣ ପେଟିକା**

୧. ଜାଗୃତି - କୃଷକ ଉତ୍ପାଦକ ସଂଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

୨. ପରିକଳ୍ପନା - କୃଷକ ଉତ୍ପାଦକ ସଂଗଠନର ଗଠନ ଢାଞ୍ଚା ଏବଂ ରୂପରେଖ

୩. ବିନିମୟ - କୃଷକ ଉତ୍ପାଦକ ସଂଗଠନର ସଦସ୍ୟତା।

୪. ପ୍ରେରଣା - କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ

୫. ସମର୍ଥନ - କୃଷକ ଉତ୍ପାଦକ ସଂଗଠନର ପରିଚାଳନା

୬. ସୁଧର୍ମ - କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ।

୭. ବ୍ୟବସାୟ ଯୋଜନା

୮. ହିସାବ କିତାବ ଏବଂ ଅର୍ଥ

୯. ଅମଳ ପରର, ଯୋଗାଣ ଶୃଙ୍ଖଳ (ଚେନ୍) ପରିଚାଳନା

୧୦. କିଣାବିକା କରିବା

୧୧. କୃଷି ଉତ୍ପାଦକତା ବୃଦ୍ଧିପାଇଁ ସେବା

୧୨. ନେତୃତ୍ୱ

ଏହି ପେଟିକା "କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ଏବଂ ରୂପରେଖ"- କୃଷକ ଉତ୍ପାଦକ ସଂଗଠନର ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟଙ୍କ ପାଇଁ ଏହା ଦ୍ୱିତୀୟ ଆତ୍ମ-ଶିକ୍ଷଣ ପେଟିକା। ଏହି ପେଟିକା କୃଷକ ଉତ୍ପାଦକ ସଂଗଠନର ଆନୁଷ୍ଠାନିକ ନମୂନା ଉପରେ ଗୁରୁତ୍ୱ ପ୍ରଦାନ କରେ।

**ଉଦ୍ଦେଶ୍ୟ**

ଏହି ଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହେଲା, କୃଷକ ଉତ୍ପାଦକ ସଂଗଠନର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଆବଶ୍ୟକ ବୁଝାମଣା ସୃଷ୍ଟି କରାଇବା ଏବଂ ପ୍ରଶିକ୍ଷଣ ଦେବା ଯାହା ଫଳରେ ସେମାନେ ସେମାନଙ୍କର ଭୂମିକା ଫଳପ୍ରଦ ଭାବେ କରିପାରିବେ ଏବଂ ସେମାନଙ୍କ କୃଷକ ଉତ୍ପାଦକ ସଂଗଠନର ନେତୃତ୍ୱ ନେଇ ତାକୁ ସୁଦୃଢ଼ କରାଇ ସେମାନଙ୍କ ସଦସ୍ୟମାନଙ୍କୁ ଉପକୃତ କରାଇପାରିବେ।

**କେଉଁମାନଙ୍କ ପାଇଁ**

ଏହି ଶିକ୍ଷଣ ପେଟିକା ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ। କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କର ଅନ୍ତତଃପକ୍ଷେ କୃଷକ ଉତ୍ପାଦକ ସଂଗଠନ ପରିଚାଳନା କରିଥିବାର ୧ ବର୍ଷର ଅନୁଭୂତି ଥିବ।

**ଶିକ୍ଷଣ ଉଦ୍ଦେଶ୍ୟ**

ଏହି କୃଷକ ଉତ୍ପାଦକ ସଙ୍ଗଠନର ସ୍ୱଶାସନ ଉପରେ ଆଧାରିତ ଶିକ୍ଷଣ ପେଟିକାର ନିମ୍ନରେ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ ଦିଆଗଲା।

- କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଉପଯୁକ୍ତ ଆନୁଷ୍ଠାନିକ ନମୂନା ସମ୍ବନ୍ଧରେ ଅବଗତ ହେବା
- କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ କାର୍ଯ୍ୟକର୍ତ୍ତା ଏବଂ ସେମାନଙ୍କର ସମ୍ପର୍କକୁ ବୁଝିବା
- କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ କର୍ମକର୍ତ୍ତାଙ୍କ ଭୂମିକା ବିଷୟରେ ସଚେତନ ହେବା ଯାହା ଫଳରେ କାର୍ଯ୍ୟକର୍ତ୍ତାମାନଙ୍କର ଭୂମିକା ସବୁର ସମ୍ପାଦନାକୁ

ନିଶ୍ଚିତ କରାଯାଇପାରିବ ।

**ଢାଞ୍ଚା ଓ ବିଷୟବସ୍ତୁ**

ଏହି ପେଟିକା କୃଷକ ଉତ୍ପାଦକ ସଙ୍ଗଠନର ଆନୁଷ୍ଠାନିକ ଗଠନ ସହିତ ଆରମ୍ଭ ହୁଏ ଏବଂ ତା'ପରେ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରୀତା ଅର୍ଥାତ୍ ସଦସ୍ୟ, ବୋର୍ଡର ସଦସ୍ୟ, କର୍ମଚାରୀ ଏବଂ ସେମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ପର୍ଯ୍ୟବେସିତ । ତା'ପରେ ଏହା ବିଭିନ୍ନ କାର୍ଯ୍ୟକର୍ତ୍ତାମାନଙ୍କର ଭୂମିକାର ଗୁରୁତ୍ୱ ଉପରେ କାର୍ଯ୍ୟକରେ ।

**ଏହାକୁ କିପରି ବ୍ୟବହାର କରିବା**

ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଏହି ଶିକ୍ଷଣ ପେଟିକାକୁ ନିଜେ ନିଜେ ବ୍ୟବହାର କରିପାରିବେ କିମ୍ବା ବାହାରର ସମ୍ବଳ ବ୍ୟକ୍ତି ବା ବିଶେଷଜ୍ଞଙ୍କର ସହାୟତାରେ ଏହି ପେଟିକାରେ ଥିବା ଶିକ୍ଷଣ ପ୍ରକ୍ରିୟାକୁ ଶିଖିପାରିବେ । ଏହି ପେଟିକା ସହିତ କେତେକ ସମ୍ପର୍କିତ ପୋଷ୍ଟର ଅଛି ଯାହାକୁ କି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଶିକ୍ଷଣ ପାଇଁ ଉପଯୁକ୍ତ ସ୍ଥାନରେ ଲଗାଇପାରିବେ ।

ଏହି ଶିକ୍ଷଣ ପେଟିକାରେ ଥିବା ଶିକ୍ଷଣକୁ ଉପଭୋଗ କରି ଶିଖିବା ଆମ୍ଭେ ଆଶାକରୁ ଏବଂ ଆପଣ ନିଜର କୃଷକ ଉତ୍ପାଦକ ସଙ୍ଗଠନକୁ ଅଧିକ ଫଳପ୍ରଦ ଏବଂ କାର୍ଯ୍ୟଦକ୍ଷଭାବେ ପରିଚାଳନା କିମ୍ବା ସ୍ୱଶାସନ କରନ୍ତୁ ।

# କଠିନ ଶବ୍ଦ (ଆକ୍ରୋନିମ୍ସ)

**ଆର୍ଟିକିଲସ୍ ଅଫ ଆସୋସିଏସନ୍ (Articles of Associations)** : ଏକ ସମବାୟ ସମିତି / ସମବାୟ ବାଇ-ଲ ଯାହା, ଉତ୍ପାଦକ କମ୍ପାନୀ ପାଇଁ ଆର୍ଟିକିଲସ୍ ଅଫ୍ ଆସୋସିଏସନ୍ ତାହା ଆର୍ଟିକିଲସ ଅଫ ଆସୋସିଏସନ ସ୍ୱତନ୍ତ୍ର ଭାବରେ କମ୍ପାନୀର କାର୍ଯ୍ୟକାରୀତା ପାଇଁ ନୀତିନିୟମ ଏବଂ କମ୍ପାନୀର ଉଦ୍ଦେଶ୍ୟ ଏବଂ ଏହି ଉଦ୍ଦେଶ୍ୟ ହାସଲ ପାଇଁ କ'ଣ ପଦ୍ଧତି ଓ ମାର୍ଗ ଅବଲମ୍ବନ କରିବାକୁ ପଡିବ ସେଥିରେ ଉଲ୍ଲେଖଥାଏ।

କମ୍ପାନୀର ବୋର୍ଡକୁ ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍‌କୁ ପ୍ରସ୍ତୁତ କରିବାକୁ ପଡିବ ଏବଂ କମ୍ପାନୀମାନଙ୍କର ରେଜିଷ୍ଟ୍ରାର୍‌ଙ୍କଠାରୁ ତାହାର ସ୍ୱୀକୃତି ଲାଭ କରିବାକୁ ପଡିବ। ଏଥିରେ କିଛି ସଂଶୋଧନ କରିବାକୁ ହେଲେ ତାହାକୁ ସାଧାରଣ ପରିଷଦ ବୈଠକରେ କରିବାକୁ ପଡିବ ଏବଂ ପୁନର୍ବାର କମ୍ପାନୀମାନଙ୍କର ରେଜିଷ୍ଟ୍ରାରଙ୍କଠାରୁ ସ୍ୱୀକୃତି ଲାଭ କରିବାକୁ ପଡ଼ିବ।

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ** : ବୋର୍ଡ ହେଉଛି କୃଷକ ଉତ୍ପାଦକ ସଂଗଠନର ପରିଚାଳନା ପରିଷଦ ଦ୍ୱାରା ନୀତି ସ୍ତରୀୟ ନିଷ୍ପତ୍ତି ଏବଂ ଏହା ସୁନିଶ୍ଚିତ କରାଏ ଯେ, କୃଷକ ଉତ୍ପାଦକ ସଂଗଠନ ଏହାର ସଦସ୍ୟମାନଙ୍କ ପାଇଁ କାମ କରେ। କୃଷକ ଉତ୍ପାଦକ ସଂଗଠନ ବୋର୍ଡ, ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯଥା; କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ।

**"ବାଇ-ଲ"** : "ଉପବିଧି" ହେଉଛି, ସମବାୟ ସମିତିକୁ ପରିଚାଳନା କରିବାର ବ୍ୟବସ୍ଥା। ପ୍ରତ୍ୟେକ ସମବାୟ ସମିତି ସେମାନଙ୍କର ନିଜର "ଉପବିଧି" ଅଛି ଏବଂ ସେମାନଙ୍କର ସବୁ କାର୍ଯ୍ୟ ସେହି "ଉପବିଧି" ଭିତରେ ହିଁ କାର୍ଯ୍ୟକାରୀ ହୋଇଥାଏ। ବୋର୍ଡ ଏହି "ଉପବିଧି"କୁ ପ୍ରସ୍ତୁତ କରିଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କଦ୍ୱାରା ସ୍ୱୀକୃତି ଲାଭ କରିବା ଉଚିତ୍। ପରବର୍ତ୍ତୀ ସମୟରେ ଏହି "ଉପବିଧି"ରେ କିଛି ସଂଶୋଧନ କରାଗଲେ, ତାହା କେବଳ ସାଧାରଣ ପରିଷଦ ଦ୍ୱାରା ହିଁ ସଂଶୋଧିତ ହୋଇଥାଏ।

**କୋଅପରେଟିଭ ସୋସାଇଟି** : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି (ଯଥା; ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଅନୁବନ୍ଧିତ ହୋଇଛି, ତାହା ଏକ ସମବାୟ ସମିତି ବୋଲି ଆମ୍ଭେ କହିବା।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ / ପରିଚାଳକ / ସାଧାରଣ ପରିଚାଳକ** : ପ୍ରତ୍ୟେକ କୃଷକ ଉତ୍ପାଦକ ସଂଗଠନର ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) କିମ୍ବା ଯେ କୌଣସି ପଦବୀରେ ଯେପରିକି ପରିଚାଳକ (Manager), ସାଧାରଣ ପରିଚାଳକର (General Manager) ଆବଶ୍ୟକତା ଅଛି । ବୋର୍ଡର ନିୟନ୍ତ୍ରଣରେ, ନିର୍ଦ୍ଦେଶରେ, ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମକୁ ପରିଚାଳନା କରିବେ ଏବଂ କୃଷକ ଉତ୍ପାଦକ ସଂଠଗନ କାର୍ଯ୍ୟକାରୀତା ପାଇଁ ଉତ୍ତରଦାୟୀ ରହିବେ ।

**ଡିଭିଡେଣ୍ଡ** : ଏହା ହେଉଛି କୃଷକ ଉତ୍ପାଦକ ସଙ୍ଗଠନର ରୋଜଗାରର ଏକ ଅଂଶରୁ ପୁରସ୍କାର ବଣ୍ଟନ ଏବଂ ଏହା ସଦସ୍ୟମାନଙ୍କୁ ଦିଆଯାଏ ।

**କୃଷକ ଉତ୍ପାଦକ ସଂଗଠନ** : ଏକ କୃଷକ ଉତ୍ପାଦକ ସଂଗଠନ (FPO) ହେଉଛି ପଞ୍ଜିକୃତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଯାହା କୃଷକ ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ସେମାନେ ଏହାର ସତ୍ତ୍ୱାଧିକାରୀ ଅଟନ୍ତି । ଚାଷୀ ଉତ୍ପାଦକ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଏହାର ସଦସ୍ୟମାନଙ୍କୁ ଆବଶ୍ୟକ କରୁଥିବା ସେବା ଯୋଗାଇ ସଦସ୍ୟମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରୁଥିବ । କୃଷି ଏବଂ ଆନୁସାଙ୍ଗିକ ବିଷୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ସଂଶ୍ଳିଷ୍ଟ ରୁହନ୍ତି । କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଆନୁଷ୍ଠାନିକ ସଂଗଠନ ହୋଇଥିବାରୁ, ସେମାନେ ସେମାନଙ୍କର ଅଫିସ୍ / ଅନ୍ୟାନ୍ୟ ଭିତ୍ତିଭୂମି, କର୍ମଚାରୀ, ବ୍ୟବସ୍ଥା ଥାଇ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

**ସଂଘ** : ଫେଡରେସନ୍ ହେଉଛି ଏକ ଉପଯୁକ୍ତ ସ୍ତରରେ (କ୍ଲଷ୍ଟର, ଅଞ୍ଚଳ, ମଣ୍ଡଳ, ଜିଲ୍ଲା ଇତ୍ୟାଦି) ଏକ ସର୍ବୋଚ୍ଚ କୃଷକ ଉତ୍ପାଦକ ସଙ୍ଗଠନ ଯେଉଁଥିରେ ସମାନ ବ୍ୟବସାୟରେ ବିଭିନ୍ନ ଛୋଟ କୃଷକ ଉତ୍ପାଦକ ସଙ୍ଗଠନ (ପ୍ରାଥମିକ) ସଦସ୍ୟ ଅଟନ୍ତି ।

**ଜେନେରାଲ ବଡି** : କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ସଦସ୍ୟଙ୍କୁ ସେହି କୃଷକ ଉତ୍ପାଦକ ସଙ୍ଗଠନର ଜେନେରାଲ ବଡି ବୋଲି କୁହାଯାଏ । ଜେନେରାଲ୍ ବଡି କୃଷକ ଉତ୍ପାଦକ ସଙ୍ଗଠନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଅଟନ୍ତି ।

**ସଭ୍ୟ** : "ସଭ୍ୟ" ଅର୍ଥାତ୍ ଜଣେ କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟ ଭାବରେ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି କିମ୍ବା ଉତ୍ପାଦକ ସଙ୍ଗଠନ ଏବଂ ଯିଏ କ୍ରମାଗତ ଭାବରେ ଆବଶ୍ୟକ ଯୋଗ୍ୟତା ବଜାୟ ରଖେ । କୃଷକ ଉତ୍ପାଦକ ସଙ୍ଗଠନରେ, କେବଳ କାର୍ଯ୍ୟକ୍ଷମ କୃଷକ କିମ୍ବା ଉତ୍ପାଦକ ଅନୁଷ୍ଠାନଗୁଡ଼ିକ ସେମାନଙ୍କର କାର୍ଯ୍ୟକ୍ଷମ କ୍ଷେତ୍ରରେ (ସେମାନଙ୍କର ବାଇ-ଲ ଅନୁଯାୟୀ) ସଦସ୍ୟ ହୋଇପାରିବେ ।

| | | |
|---|---|---|
| **ଅଫିସ୍ କାର୍ଯ୍ୟନିର୍ବାହୀ** | : | ନିର୍ଦ୍ଦିଷ୍ଟ ଦାୟିତ୍ୱର ତଦାରଖ କରିବା ପାଇଁ ଅଫିସ୍ କାର୍ଯ୍ୟନିର୍ବାହୀ ମାନେ ବୋର୍ଡ ଦ୍ୱାରା ମନୋନୀତ ହୁଅନ୍ତି । ସେମାନେ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଇତ୍ୟାଦି । |
| **ଉତ୍ପାଦକ କମ୍ପାନୀ (Producer Company)** | : | ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି, କମ୍ପାନୀ ଆଇନ୍ (Companies Act) ୨୦୧୩ ଅଧିନରେ ପଞ୍ଜିକୃତ ବା ସ୍ୱୀକୃତି ଲାଭ କରିଛି, ତାହାକୁ ଆମେ ଏକ ଉତ୍ପାଦକ କମ୍ପାନୀ ବୋଲି କହିଥାଉ । ଉତ୍ପାଦକ କମ୍ପାନୀ ଅର୍ଥ ଏକ ବଡି ଅଫ୍ କର୍ପୋରେଟ୍ (Body of Corporate) ଯାହାର କି ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ସେକ୍ସନ ୫୮୧(ବି) (Section – 581 (B))ରେ ନିର୍ଦ୍ଧାରିତ ହୋଇଥାଏ ଏବଂ କମ୍ପାନିଜ ଆକ୍ଟ (Companies Act)ରେ ଉତ୍ପାଦକ କମ୍ପାନୀ ହିସାବରେ ପଞ୍ଜିକୃତ ହୋଇଥାଏ । |
| **ପାଟ୍ରୋନେଜ୍** | : | କୃଷକ ଉତ୍ପାଦକ ସଙ୍ଗଠନ ଏହାର ସଦସ୍ୟମାନଙ୍କୁ ଏହାର ବ୍ୟବସାୟ ପୃଷ୍ଠପୋଷକତା କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ପ୍ରଦାନ କରାଯାଇଥିବା ସେବା ଗୁଡିକର ବ୍ୟବହାର । |
| **ପାଟ୍ରୋନେଜ୍ ବୋନସ୍** | : | ପୃଷ୍ଠପୋଷକତା ବୋନସ୍ ଅର୍ଥ ହେଉଛି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଏହାର ଅତିରିକ୍ତ ଆୟରୁ ସଦସ୍ୟମାନଙ୍କୁ ନିଜ ନିଜ ପୃଷ୍ଠପୋଷକତା ପ୍ରଦାନ କରାଯାଇଥିବା ଦେୟ ହେଉଛି ପୃଷ୍ଠପୋଷକତା ବୋନସ୍ । |

# କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ

ଏହି ଶିକ୍ଷଣ ପେଟିକାରେ "କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ଓ ରୂପରେଖ" ବିଷୟରେ କିଛି ମୌଳିକ ପ୍ରଶ୍ନ ରଖାଯାଇଛି । ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ବିଷୟରେ ଅଂଶଗ୍ରହଣକାରୀ ମାନଙ୍କର କ'ଣ ବୁଝାମଣା ଅଛି, ସେ ବିଷୟରେ ଆକଳନ କରିବା ସହିତ "କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ଓ ରୂପରେଖ" ଉପରେ ଅଧିକ ଜ୍ଞାନ ହାସଲ କରିବାପାଇଁ ଗୁରୁତ୍ୱ ଦେବା ପ୍ରାରମ୍ଭିକ ମୂଲ୍ୟାୟନର ଉଦ୍ଦେଶ୍ୟ ଅଟେ ।

ତେବେ ବର୍ତ୍ତମାନ ଆସନ୍ତୁ, ପ୍ରଶ୍ନର ଉତ୍ତର ପ୍ରଦାନ କରିବା ପାଇଁ ନିମ୍ନରେ ଦିଆଗଲା ।

୧. କୃଷକ ଉତ୍ପାଦକ ସଙ୍ଗଠନ କୃଷକ ଉତ୍ପାଦକ ସଂଘ ଗଢିପାରିବେ କି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୨. କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ସଭ୍ୟମାନେ କାହା ପାଖରେ ଉତ୍ତରଦାୟୀ ରହିବେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୩. କୃଷକ ଉତ୍ପାଦକ ସଙ୍ଗଠନର କର୍ମଚାରୀମାନେ କେଉଁମାନଙ୍କ ନିୟନ୍ତ୍ରଣରେ କାମ କରିବେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୪. କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ସଭ୍ୟମାନଙ୍କର ଭୂମିକା ଓ ଦାୟିତ୍ୱସମୂହ କ'ଣ ଅଟେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୧

# କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା

## ଅଧିବେଶନ ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଙ୍ଗଠନ ପାଇଁ
ଉପଯୁକ୍ତ ଆନୁଷ୍ଠାନିକ ନମୂନା ସମ୍ବନ୍ଧରେ ଅବଗତ ହେବା ।

**ବିଷୟବସ୍ତୁ**

୧. କୃଷକ ଉତ୍ପାଦକ ସଙ୍ଗଠନର ସଠିକ୍ ଗଠନ ଢାଞ୍ଚା

୨. ବିଭିନ୍ନ ସ୍ତରରେ କାର୍ଯ୍ୟାବଳୀ

୩. ସଂଘରେ ସଦସ୍ୟତା


**ଉପକ୍ରମ**

ବର୍ତ୍ତମାନ ଆମେ ପ୍ରଥମ ପେଟିକାକୁ ମନେପକାଇବା, "କୃଷକ ଉତ୍ପାଦକ ସଙ୍ଗଠନର ପରିଚୟ ଏବଂ ପ୍ରାସଙ୍ଗିକତା' ସହିତ ଆମ୍ଭେ ବେଶ୍ ପରିଚିତ । କୃଷି କ୍ଷେତ୍ରରେ ଥିବା ବିଭନ୍ନ ସମସ୍ୟା, ଏହି ସମସ୍ୟାର ମୁକାବିଲା ପାଇଁ ମିଳିତ ଉଦ୍ୟମର ଆବଶ୍ୟକତା, କୃଷକ ଉତ୍ପାଦକ ସଙ୍ଗଠନ ମିଳିତ କାର୍ଯ୍ୟ ପାଇଁ ଏକ ଉପଯୁକ୍ତ ମଞ୍ଚ, ଏହାର ଅର୍ଥ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବୈଶିଷ୍ଟ୍ୟ ସବୁର ବିଷୟରେ ଭଲଭାବରେ ଅବଗତ ହୋଇଛନ୍ତି ।

ଏହି ପୃଷ୍ଠଭୂମିକୁ ଜାଣିବା ପରେ, ବର୍ତ୍ତମାନ କୃଷକ ଉତ୍ପାଦକ ସଙ୍ଗଠନ ବିଷୟରେ ପୁଙ୍ଖାନୁପୁଙ୍ଖ ଓ ନିର୍ଦ୍ଦିଷ୍ଟ ଭାବରେ ସାଙ୍ଗଠନିକ ଦୃଷ୍ଟିରୁ ଆଲୋଚନା କରିବା । ଏହି କୃଷକ ଉତ୍ପାଦକ ସଙ୍ଗଠନ ବିଷୟରେ ଆମେ ବର୍ତ୍ତମାନ ଏହାର ଆବଶ୍ୟକତା ଦିଗରୁ ଅନୁଷ୍ଠାନର ଗଠନ ପଦ୍ଧତି, କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ କାର୍ଯ୍ୟକର୍ତ୍ତା, ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ ଓ ବିଭିନ୍ନ କର୍ମଚାରୀ ମାନଙ୍କର ଭୂମିକା ଗୁଡ଼ିକୁ ଗୋଟି ଗୋଟି କରି ଜାଣିବା ।

# ସଙ୍ଗଠନର ଆନୁଷ୍ଠାନିକ ଢାଞ୍ଚା

କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ପାଇଁ ବିଭିନ୍ନ ସମ୍ଭାବନା ରହିଛି । ଯାହା ହେଉନା କାହିଁକି, ଏହା ସବୁ ଜଣେ ଜଣେ କୃଷକଙ୍କୁ ନେଇ ଆରମ୍ଭ ହୋଇଛି । ଏହା ଛୋଟ, ଅଣ-ଆନୁଷ୍ଠାନିକ କୃଷକ ଦଳ (କୃଷକ ଉତ୍ପାଦକ ସଙ୍ଗଠନ) ହୋଇପାରେ । ଏହି କୃଷକ ଦଳ ମଧ୍ୟରୁ ପ୍ରାଥମିକ କୃଷକ ଉତ୍ପାଦକ ସଙ୍ଗଠନ ଗଠନ ହୋଇପାରିବ । ଯଦି ଆବଶ୍ୟକ ହୁଏ, ଏହି ପ୍ରାଥମିକ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କୁ ନେଇ ଉପଯୁକ୍ତ ସ୍ତରରେ ଏକ ସଂଘ ମଧ୍ୟ ଗଠନ ହୋଇପାରିବ। ସଭ୍ୟମାନେ ବ୍ୟକ୍ତିଗତ କୃଷକସମୂହ କିମ୍ବା ପଞ୍ଜିକୃତ ଉତ୍ପାଦନ ସଂଗଠନକୁ ନେଇ ହୋଇପାରିବ । ଅନ୍ୟ ପକ୍ଷରେ ବ୍ୟକ୍ତିଗତଭାବେ କୃଷକମାନେ ମିଶି କୃଷକ ଉତ୍ପାଦକ ସଙ୍ଗଠନ ଗଠନ କରିବା ମଧ୍ୟ ସମ୍ଭବ ।



FG—କୃଷକ ଗୋଷ୍ଠି, FO—ଉତ୍ପାଦକ ସଂଗଠନ (ଗ୍ରାମ/ଉଚ୍ଚସ୍ତରୀୟ), FPO—କୃଷକ ଉତ୍ପାଦକ ସଙ୍ଗଠନ

**ବିଭିନ୍ନ ସ୍ତରରେ କାର୍ଯ୍ୟାବଳୀ :**

- ସଂଘୀୟ ସ୍ତରରେ - ପ୍ରକ୍ରିୟାକରଣ, ଗୋଦାମ (ଘର), ବଜାର ସୃଷ୍ଟି, କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଆର୍ଥିକ ସମ୍ବଳ, ବୈଷୟିକ ସଂଯୋଗୀକରଣ
- କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ - ବିହନ ଉତ୍ପାଦନ, ସାଧନ ଯୋଗାଣ, ଦ୍ରବ୍ୟ କ୍ରୟ ବା ସଂଗ୍ରହ ଓ କୃଷି ଯନ୍ତ୍ରପାତି
- କୃଷକ ଦଳ ସ୍ତରରେ - ବୈଷୟିକ କୌଶଳ ଓ ଯନ୍ତ୍ରପାତିର ପ୍ରଦର୍ଶନ ଓ କୃଷକ କ୍ଷେତ୍ର

ଆମ ଦେଶରେ କୃଷକ ଉତ୍ପାଦକ ସଙ୍ଗଠନ ଭିନ୍ନଭିନ୍ନ ପ୍ରକାର ଅଛି । ସେ ଯାହା ହେଉ, ଅନୁଭୂତି ଅନୁସାରେ ସବୁପ୍ରକାର ଆନୁଷ୍ଠାନିକ ବ୍ୟବସ୍ଥାରେ ସଫଳ କୃଷକ ଉତ୍ପାଦକ ସଙ୍ଗଠନସମୂହ ଅଛନ୍ତି ଓ ଏହିସବୁ ପ୍ରକାରର ବ୍ୟବସ୍ଥା ମଧ୍ୟରେ ମଧ୍ୟ ସଫଳତା ରହିଛି । ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ ଉପଯୁକ୍ତ ଆନୁଷ୍ଠାନିକ ଢାଞ୍ଚା ଥିଲେ ମଧ, ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ, ଏହିସବୁ ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟକାରୀତା ନିଶ୍ଚିତ କରିବାକୁ ହେବ ।

ଯେ କୌଣସି କୃଷକ ଉତ୍ପାଦକ ସଙ୍ଗଠନର ଆନୁଷ୍ଠାନିକ ଢାଞ୍ଚା ନିମ୍ନ ୨ଟି ମୁଖ୍ୟ ଉଦ୍ଦେଶ୍ୟ ପୂରଣ କରିବା ଆବଶ୍ୟକ।

୧. ସଭ୍ୟମାନଙ୍କୁ ଫଳପ୍ରଦ ସେବା ଯୋଗାଇବା

୨. କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟିକ ସାଧ୍ୟତାକୁ ସୁନିଶ୍ଚିତ କରାଇବା

**ସଂଘର ସଦସ୍ୟତା**

ସଂଘ ହେଉଛି କୃଷକ ସଙ୍ଗଠନମାନଙ୍କୁ ନେଇ ଗଠିତ (ଗ୍ରାମାଞ୍ଚଳ, ଆଞ୍ଚଳିକ, ବ୍ଲକ୍ ଓ ଜିଲ୍ଲା ) ପ୍ରାଥମିକ ସ୍ତରରେ ଥିବା ଛୋଟ ଛୋଟ କୃଷକ ଉତ୍ପାଦକ ସଙ୍ଗଠନ ଯେଉଁଥିରେ ଏକ ପ୍ରକାର ବ୍ୟବସାୟ କରୁଥିବା ସଭ୍ୟମାନେ ସାମିଲ ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଗ୍ରାମାଞ୍ଚଳରେ ଥିବା ଦୁଗ୍ଧ ଉତ୍ପାଦନ ସମବାୟମାନେ ମିଶି ଦୁଗ୍ଧ ସମବାୟ ସଂଘ ଗଠନ କରିପାରିବେ। ଗ୍ରାମାଞ୍ଚଳରେ ଥିବା ଦୁଗ୍ଧ ସମବାୟ କ୍ଷୀର ସଂଗ୍ରହ, ଗୁଣବତ୍ତା ପରୀକ୍ଷଣ, ଟଙ୍କା ଦେବା ଇତ୍ୟାଦି କାର୍ଯ୍ୟ କରିଥାଏ। ସଂଘ କ୍ଷୀର ଶୀତଳିକରଣ, ପ୍ୟାକେଟ୍ କରିବା, ବିକ୍ରିବଟା ଓ ବୈଷୟିକ ଜ୍ଞାନକୌଶଳ ସହାୟତା ଦେବା ଇତ୍ୟାଦି କାର୍ଯ୍ୟ କରିଥାଏ ।

**ପ୍ରଶ୍ନଗୁଡ଼ିକର ଆଲୋଚନା :** କୃଷକ ଉତ୍ପାଦକ ସଙ୍ଗଠନମାନେ ସଂଘରେ ସଦସ୍ୟ ହୋଇ ପାରିବେ କି ? କେଉଁ ଉଦ୍ଦେଶ୍ୟ/ସେବାସମୂହ ପାଇଁ କୃଷକ ଉତ୍ପାଦକ ସଙ୍ଗଠନ ସଂଘର ସଭ୍ୟ ହୋଇ ପାରିବେ ?

ସଂଘର ଭୌଗଳିକ କାର୍ଯ୍ୟ ପରିସରରେ କାର୍ଯ୍ୟ କରୁଥିବା ଓ ଏକାପ୍ରକାର ବ୍ୟବସାୟ କରୁଥିବା କୃଷକ ଉତ୍ପାଦକ ସଙ୍ଗଠନମାନେ ଅନାୟସରେ ସଂଘର ସଦସ୍ୟତା ନେଇପାରିବେ। ପ୍ରକୃତରେ, ସଂଘମାନେ ହେଉଛନ୍ତି ମାଧ୍ୟମ, ଯାହା ମାଧ୍ୟମରେ କୃଷକ ଉତ୍ପାଦକ ସଙ୍ଗଠନମାନେ ସମବାୟ ଓ ଉତ୍ପାଦକ କମ୍ପାନୀସମୂହଙ୍କ ମଧ୍ୟରେ ସମବାୟର ନୀତିକୁ ପରିପୂରଣ କରିପାରିବେ।

## ସଂଘରେ ସଭ୍ୟମାନଙ୍କର ସଦସ୍ୟତାର ସୁବିଧାସୁଯୋଗସମୂହ

- ବ୍ୟବସାୟକୁ ଉପର ସ୍ତରକୁ ନେବା ପାଇଁ ଓ ଦ୍ରବ୍ୟର ବ୍ରାଣ୍ଡିଂ (ଚିହ୍ନିତ ଦ୍ରବ୍ୟ) କରିବା ପାଇଁ ଉତ୍ତମ ମୂଳଚାଲ ଶକ୍ତି ମିଳିବ
- ଉନ୍ନତ ବଜାର ବା ଆର୍ଥିକ ଓ ବୈଷୟିକ ଜ୍ଞାନକୌଶଳକୁ ଉପଲବ୍ଧ କରିବା
- ପ୍ରତିଯୋଗୀତାର ମୁକାବିଲା କରିବା ପାଇଁ ସମର୍ଥ ହେବା
- ଅଂଶୀଦାରଙ୍କ ସହିତ ବୁଝାମଣା ଓ ଉତ୍ତମ ପରିଚାଳନା
- ସରକାରୀ କାର୍ଯ୍ୟକ୍ରମ ବିଷୟରେ ଜାଣିବା ଓ ଭଲ ଭାବରେ ଉପଯୋଗ କରିବା
- ସଭ୍ୟମାନଙ୍କର ହିତସମୂହକୁ ସୁରକ୍ଷା ଦେବା ଓ ନିଜ ହିତ ପାଇଁ ଏଡ୍‌ଭୋକେସି କରିବା ନିମନ୍ତେ ସଂଘ ଏକ ପ୍ରଭାବୀ ମଞ୍ଚ ଭାବେ କାର୍ଯ୍ୟକରିବ
- ଅଧିକ ଜାଣିବା ଓ ସଚେତନତା ବୃଦ୍ଧି

**କାର୍ଯ୍ୟ:** ଆମ କୃଷକ ଉତ୍ପାଦକ ସଙ୍ଗଠନର ଥିବା ଗଠନ/ଢାଞ୍ଚା ସଂପର୍କରେ ଆଲୋଚନା କରିବା ଏବଂ ଆବଶ୍ୟକୀୟ ଉନ୍ନତି ପାଇଁ ଯଦି କିଛିଥାଏ ଉଲ୍ଲେଖ କରିବା।

# ୨

# କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରିଣୀ ବ୍ୟବସ୍ଥା

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ କାର୍ଯ୍ୟକର୍ତ୍ତା ଏବଂ ସେମାନଙ୍କର ସମ୍ପର୍କକୁ ବୁଝିବା**

**ବିଷୟବସ୍ତୁ**

**୧. କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରିଣୀ ବ୍ୟବସ୍ଥା**

**୨. କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ କାର୍ଯ୍ୟକର୍ତ୍ତାସମୂହ ଏବଂ ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ**

**୩. ରୂପରେଖର ସୂଚକାଙ୍କ**

## କାର୍ଯ୍ୟକାରିଣୀ ବ୍ୟବସ୍ଥା

ଚୈତନ କୃଷକ ଉତ୍ପାଦକ ସଙ୍ଗଠନର ଶ୍ରୀଯୁକ୍ତ ଶିବରାମ, ପ୍ରତିଭା କୃଷକ ଉତ୍ପାଦକ ସଙ୍ଗଠନର ଚେୟାରମ୍ୟାନ ଶ୍ରୀମତୀ ଭାରତୀଙ୍କୁ ଅପେକ୍ଷା କରିଥିଲେ ଯିଏ କି ଉତ୍ତମ କୃଷକ ଉତ୍ପାଦକ ସଙ୍ଗଠନ ହିସାବରେ ରାଜ୍ୟସ୍ତରରେ  ପୁରସ୍କାର ପ୍ରାପ୍ତ କରିଛନ୍ତି। ଶ୍ରୀଯୁକ୍ତ ଶିବରାମ, ଚୈତନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ସଭ୍ୟମାନଙ୍କ ସହିତ ତାଙ୍କ ଅନୁଷ୍ଠାନର ଅଭିଜ୍ଞତା ଆଲୋଚନା କରିବା ପାଇଁ ଶ୍ରୀମତୀ ଭାରତୀଙ୍କୁ ଅନୁରୋଧ କରିଥିଲେ। ଆଜି ଶ୍ରୀମତୀ ଭାରତୀ ଚୈତନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ସଭ୍ୟମାନଙ୍କ ସହିତ ଆଲୋଚନା କରିବା ପାଇଁ ଯାଇଥିଲେ।




ଶ୍ରୀମତୀ ଭାରତୀ ଚୈତନ୍ୟ କୃଷକ ଉତ୍ପାଦକ ସଙ୍ଗଠନରେ ପହଞ୍ଚିବା

ବେଳକୁ ପରିଷଦର ସଦସ୍ୟମାନେ ତାଙ୍କ ସହ ଆଲୋଚନା ପାଇଁ ଉପସ୍ଥିତ ଥିଲେ ।

ସେମାନେ ତାଙ୍କ ସହିତ କୃଷକ ଉତ୍ପାଦକ ସଙ୍ଗଠନର ସଫଳତା ପାଇଁ ମୁଖ୍ୟ ଉପାଦାନଗୁଡିକ ବିଷୟରେ ଆଲୋଚନା କରିବାକୁ ଆସିଥିଲେ । ଶ୍ରୀଯୁକ୍ତ ଶିବରାମ, ଚେୟାରମ୍ୟାନ, ଚୈତନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ତରଫରୁ ଶ୍ରୀମତୀ ଭାରତୀଙ୍କୁ ସୌଜନ୍ୟତା ସହିତ ସ୍ୱାଗତ କଲେ ଏବଂ ବୋର୍ଡର ସମସ୍ତ ସଭ୍ୟଙ୍କ ସହିତ ପରିଚିତ କରାଇଥିଲେ । ପରସ୍ପର ମଧ୍ୟରେ ପରିଚୟ ପର୍ବ ଶେଷରେ ଆଲୋଚନା ଆରମ୍ଭ କରାଗଲା ।

ଶ୍ରୀମତୀ ଭାରତୀ ଗତ ତିନି ବର୍ଷ ହେଲା ପ୍ରତିଭା କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡରେ କାର୍ଯ୍ୟ କରୁଛନ୍ତି, ଗତବର୍ଷ ସେ ଚେୟାରମ୍ୟାନ ଭାବରେ ନିର୍ବାଚିତ ହୋଇଥିଲେ । କୃଷକ ଉତ୍ପାଦକ ସଙ୍ଗଠନର କେତେକ ମୁଖ୍ୟ ଉପାଦାନ ସଫଳତାର ଚାବିକାଠି ବୋଲି ନିଜର ବାସ୍ତବ ଅଭିଜ୍ଞତାରୁ ସେ ଶିଖିଛନ୍ତି । ନିଜର କ୍ଷେତ୍ର ଅଭିଜ୍ଞତା, ଦକ୍ଷତା ପାଇଁ ସେ ଚୈତନ୍ୟ କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ସଭ୍ୟମାନଙ୍କ ସହିତ ଆଲୋଚନା ପାଇଁ ଆସିଛନ୍ତି ।

ବୋର୍ଡର ସଭ୍ୟମାନଙ୍କୁ ସେ ସମ୍ବୋଧନ କରି କହିଲେ ଯେ, ସେ ତାଙ୍କ ପ୍ରତିଭା କୃଷକ ଉତ୍ପାଦକ ସଙ୍ଗଠନ ବିଷୟରେ ସଂକ୍ଷିପ୍ତ ବର୍ଣ୍ଣନା କରିଲେ । ସେ ମଧ୍ୟ ପ୍ରକାଶ କଲେ ଯେ ତାଙ୍କର ସଭ୍ୟମାନେ ନିୟମିତ ସାଧାରଣ ବୈଠକରେ ଆବଶ୍ୟକୀୟ କୋରମ୍ ଠାରୁ ଅଧିକ ସଂଖ୍ୟାରେ ଯୋଗଦେଇ ନିଷ୍ପତ୍ତି ଗ୍ରହଣ ଓ ମତଦାନର ସକ୍ରିୟଭାବେ ଅଂଶଗ୍ରହଣ କରିଥାନ୍ତି । ପ୍ରତ୍ୟକ୍ଷ ଭାବରେ ଆବଶ୍ୟକୀୟ କୋରମ୍, ସକ୍ରିୟ ଅଂଶ ଗ୍ରହଣକରି ନିଷ୍ପତ୍ତି ଓ ମତଦାନ କରିଥାନ୍ତି । ଆମ ବୋର୍ଡ ସଭ୍ୟମାନଙ୍କର ସାମୂହିକ ହିତକୁ ପ୍ରତିନିଧିତ୍ୱ କରୁଅଛି ଓ ଆମେ ସମୟାନୁଯାୟୀ ନିୟମିତଭାବେ ସାଧାରଣ ପରିଷଦ ସଭା କରି ସଭ୍ୟମାନଙ୍କୁ ଅଗ୍ରଗତି ସମ୍ପର୍କରେ କହିଥାଉ ଓ ସଭ୍ୟମାନଙ୍କୁ ବାର୍ଷିକ ବିବରଣୀ ଦେଇଥାଉ ।

ଆମ ବୋର୍ଡ ମଧ୍ୟ ସଭ୍ୟମାନଙ୍କୁ ନିରନ୍ତର ଭାବେ ସୂଚନା ପ୍ରଦାନ କରିବା ନିଶ୍ଚିତ କରିଥାନ୍ତି । ଆମେ ଆମ ବୈଠକର ବିବରଣୀ ସଭା ବହିରେ ଲେଖିଥାଉ ଏବଂ ଏହା ଆମର ସଭ୍ୟ ଏବଂ ବୋର୍ଡର ସଭ୍ୟମାନଙ୍କ ପାଇଁ ଉପଲବ୍ଧ । ଆଉ ମଧ୍ୟ ଆମ କୃଷକ ଉତ୍ପାଦକ ସଙ୍ଗଠନରେ ଆଭ୍ୟନ୍ତରୀଣ ଓ ବିଧିବଦ୍ଧ ସମୀକ୍ଷା ନିୟମିତଭାବେ କରିଥାଉ ଓ ସମୀକ୍ଷାର ସୁପାରିଶଗୁଡିକ ଅନୁପାଳନ କରିଥାଉ ।

ଶ୍ରୀଯୁକ୍ତ ଶିବରାମ ପଚାରିଲେ, ଯଦି ବୋର୍ଡର ସଭ୍ୟମାନେ ସମସ୍ତ ମୁଖ୍ୟ ଦାୟିତ୍ୱ ନେଉଛନ୍ତି, ତେବେ ନିଯୁକ୍ତ କର୍ମଚାରୀ ମାନଙ୍କର ଭୂମିକା କଣ ?

ଉତ୍ତରରେ ଶ୍ରୀମତୀ ଭାରତୀ କହିଲେ, କର୍ମଚାରୀମାନେ ଆମ ଦ୍ୱାରା ନିଯୁକ୍ତି ପାଇଥାନ୍ତି ଏବଂ ଆମପାଖରେ ଉତ୍ତରଦାୟୀ । ଆମେ କ୍ଷମତା ହସ୍ତାନ୍ତର ନକଲେ, ସେମାନେ ନିଷ୍ପତ୍ତି ନେଇ ପାରିବେ ନାହିଁ । ସେମାନେ ବୋର୍ଡର ନିର୍ଦ୍ଦେଶ ଅନୁସାରେ ଉଚ୍ଚ ଗୁଣବତ୍ତା ପ୍ରଦାନ, ସମୟାନୁଯାୟୀ ଓ ଯଥେଷ୍ଟ ସେବା ଆମ ସଭ୍ୟମାନଙ୍କୁ ଯୋଗାଇଥାନ୍ତି । ବୋର୍ଡ କର୍ମଚାରୀଙ୍କ ସହାୟତାରେ ସଭ୍ୟମାନଙ୍କୁ ସେବାସବୁ ଯୋଗାଇ ଦେବା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ଓ ବ୍ୟବସାୟିକ ନିୟମ ସବୁ ଦକ୍ଷଭାବେ ସ୍ଥାପନା କରିବା ସହ କାର୍ଯ୍ୟକାରୀ କରିଥାଉ ।

ଶ୍ରୀମତୀ ଭାରତୀ ସଭ୍ୟମାନଙ୍କୁ ଲେଖିବାକୁ କହିଲେ ଯେ ସଭ୍ୟ, ବୋର୍ଡର ନିର୍ଦ୍ଦେଶକସବୁ ଓ ନିଯୁକ୍ତ କର୍ମଚାରୀ ହେଉଛନ୍ତି ଯେ କୌଣସି

## ମୁଖ୍ୟ କର୍ମଚାରୀ ଏବଂ ସେମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ


କୃଷକ ଉତ୍ପାଦକ ସଙ୍ଗଠନର ତିନୋଟି ଉପାଦାନ। କୃଷକ ଉତ୍ପାଦକ ସଙ୍ଗଠନର ସଫଳତା ଆଣିବା ପାଇଁ ତିନି ଉପାଦାନକୁ ବୁଝିବା ଓ ଏମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ନିଶ୍ଚିତ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।

ଚାର୍ଟରେ ଯାହା ପ୍ରଦର୍ଶନ କଲେ, ସଭ୍ୟମାନେ ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ ସର୍ବୋଚ୍ଚ ଅଟନ୍ତି, ଯେଉଁମାନେ ସାଧାରଣ ବୈଠକରେ ବୋର୍ଡକୁ ନିର୍ବାଚିତ କରିଥାନ୍ତି। ସେଥିପାଇଁ ବୋର୍ଡର ସଭ୍ୟମାନେ ସଭ୍ୟାମାନଙ୍କର ସାମୁହିକ ହିତ ପାଇଁ ସ୍ୱଚ୍ଛ ଓ ଉତ୍ତରଦାୟୀ ହିସାବରେ କାର୍ଯ୍ୟ କରିଥାନ୍ତି। କର୍ମଚାରୀମାନେ ବୋର୍ଡ ଦ୍ୱାରା ନିଯୁକ୍ତି ପାଇଥାନ୍ତି ଓ ସେଥିପାଇଁ ସେମାନେ ବୋର୍ଡ ନିକଟରେ ଉତ୍ତରଦାୟୀ ହୋଇ ରୁହନ୍ତି। ବୋର୍ଡ ସେମାନଙ୍କ ପାଇଁ ଦକ୍ଷତାଭିତ୍ତିକ ମାନ ସ୍ଥିର କରିଥାନ୍ତି ଏବଂ ଭଲକାର୍ଯ୍ୟ ସମ୍ପାଦନ କରିଥିବା କର୍ମଚାରୀଙ୍କୁ ପୋତ୍ସାହିତ କରିବାର ବ୍ୟବସ୍ଥା ରହିଥାଏ। ସୂଚାଇ ଦିଆଯାଉଥିବା ଅନୁଯାୟୀ, ବୋର୍ଡ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ସଭ୍ୟମାନେ ବିଭିନ୍ନ ପ୍ରକାରର ସେବା ଯୋଗାଇବା କର୍ମଚାରୀମାନଙ୍କ ପ୍ରାଥମିକ ଭୂମିକା ଅଟେ।

### ଢ଼ାଞ୍ଚାର ସୂଚକସମୂହ

ତା'ପରେ ଶ୍ରୀମତୀ ଭାରତୀ ବୋର୍ଡର ସଭ୍ୟମାନଙ୍କୁ ଚିତ୍ର ମାଧ୍ୟମରେ ଆମନ୍ତ୍ରଣ କରି ଚିତ୍ର ଉପରେ ପ୍ରତିଫଳନ କରିବାକୁ କହିଲେ ଓ ତାଙ୍କର କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟ, ବୋର୍ଡ ଓ କର୍ମଚାରୀଙ୍କ ମଧ୍ୟରେ ସଠିକ୍ ପାରସ୍ପରିକ ସମ୍ପର୍କ ନିଶ୍ଚିତ କରିବା ପାଇଁ ସେମାନେ କେଉଁସବୁ କାର୍ଯ୍ୟକଳାପ ସମ୍ପାଦନ କରିବାକୁ ହେବ ତାହାର ଏକ ଚିଠା ପ୍ରସ୍ତୁତ କରିବାକୁ କହିଲେ । ଶେଷରେ ଶ୍ରୀମତୀ ଭାରତୀ ସମସ୍ତ ଆଲୋଚନାର ସାରାଂଶ କରି କହିଲେ ଯେ, ତାଙ୍କ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ "ନିମ୍ନ ଲିଖିତ ସୂଚକସବୁ ନିଶ୍ଚିତ କରିବାକୁ ବୋର୍ଡ ନିର୍ଦ୍ଦେଶକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରିଣୀ ବ୍ୟବସ୍ଥା



**ସାରଣୀ:** ଡିଜାଇନ୍ ବା ଢାଞ୍ଚାର ସୂଚକସମୂହ

| କାର୍ଯ୍ୟକର୍ତ୍ତା | ସୂଚକ |
|---|---|
| **(କ) ବୋର୍ଡ ଏବଂ ସଭ୍ୟ** | |
| ୧ | "ବାଇ-ଲ"ର କ୍ରମବିକାଶ ଓ ସଂଶୋଧନ |
| ୨ | ବୋର୍ଡର ନିର୍ବାଚନରେ ନିୟମିତତା |
| ୩ | ବାର୍ଷିକ ବିବରଣୀ |
| ୪ | ଅଡିଟ୍ ବା ସମୀକ୍ଷା |
| ୫ | ସାଧାରଣ ପରିଷଦର ନିୟମିତ ଫଳପ୍ରଦ ବୈଠକ |
| ୬ | ଉପଯୁକ୍ତ ନଥିପତ୍ର ଲିଖନ |
| **(ଖ) ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଓ କର୍ମଚାରୀସମୂହ** | |
| ୧ | କର୍ମଚାରୀ ଓ ସିଇଓ ନିଯୁକ୍ତି |
| ୨ | କର୍ମଚାରୀ / ସିଇଓଙ୍କ କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ ଓ କର୍ତ୍ତୃପକ୍ଷଙ୍କୁ ଜଣାଇବା |
| ୩ | ବାର୍ଷିକ ଯୋଜନା ଓ କାର୍ଯ୍ୟ ସମ୍ପାଦନା ସୂଚକସମୂହ |
| ୪ | କାର୍ଯ୍ୟ ସମ୍ପାଦନା ପାଇଁ ପ୍ରୋତ୍ସାହନ ଓ ହତୋତ୍ସାହ |
| ୫ | ପରିଚାଳନା ପଦ୍ଧତି/ବ୍ୟବସ୍ଥା ସମୂହ |
| **(ଗ) ସଭ୍ୟବୃନ୍ଦ ଓ କର୍ମଚାରୀସମୂହ** | |
| ୧ | ସମୟର ଅନୁସାରେ, ଗୁଣବତ୍ତା ଓ ଆବଶ୍ୟକୀୟ ସେବାସବୁ |
| ୨ | ସଭ୍ୟମାନଙ୍କ ଦ୍ୱାରା ସେବାସମୂହର ଉପଯୋଗ |
| ୩ | ସଭ୍ୟ କୈନ୍ଦ୍ରିକ |
| ୪ | ବ୍ୟବସାୟିକ ଯୋଜନା |
| ୫ | ବ୍ୟବସାୟିକ ନିୟମାବଳୀ |
| ୬ | ସେବାପ୍ରଦାନର ବିଭିନ୍ନ ଧାରା |

# ଅଭ୍ୟାସ

କୃଷକ ଉତ୍ପାଦକ ସଙ୍ଗଠନର ଆନୁଷ୍ଠାନିକ ରୂପରେଖ ଓ ସଭ୍ୟସମୂହ, ବୋର୍ଡ ଓ କର୍ମଚାରୀମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଉପରେ ଆଲୋଚନାକୁ ଆଧାରକରି, ଆମ୍ଭେ ନିମ୍ନରେ ଦିଆଯାଇଥିବା ପରିସ୍ଥିତିଗୁଡିକୁ ୧ -୫ ସ୍କେଲ୍‌ରେ ଆକଳନ କରିବା ।

ଆମେ ଦେଇଥିବା ନମ୍ବର ପାଇଁ କାରଣ କ'ଣ ବୁଝାଇବା ମଧ୍ୟ ଦରକାର ।

୧ ) ଅତି ଖରାପ (୨ ) ଖରାପ (୩) ଚଳନୀୟ (୪ ) ଉତ୍ତମ (୫ ) ଅତି ଉତ୍ତମ

୧ ) ଏକ ସମବାୟରେ ବୋର୍ଡ ସିଇଓଙ୍କ ନିମନ୍ତେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟ ସମ୍ପାଦନା ମାପିବା ପାଇଁ ନିୟମିତ ସଂପୃକ୍ତ ହୋଇଥାଏ ?

୧ )ଅତି ଖରାପ (୨ ) ଖରାପ (୩) ଚଳନୀୟ (୪ ) ଉତ୍ତମ (୫ ) ଅତି ଉତ୍ତମ

କାରଣ ଦର୍ଶାଅ-

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୧ ) କୃଷକ ଉତ୍ପାଦକ ସଙ୍ଗଠନରେ, ଚେୟାରମ୍ୟାନ ଏବଂ ସିଇଓ ପରସ୍ପର ହାତ ମିଳାଇ ତାଙ୍କର ନିଜର ହିତ ପାଇଁ ସମସ୍ତ ବିଷୟକୁ ନିଜ ନିୟନ୍ତ୍ରଣରେ ରଖନ୍ତି ଓ ପରସ୍ପରକୁ ଜଣାଇଥାନ୍ତି ।

୧ ) ଅତି ଖରାପ (୨ ) ଖରାପ (୩) ଚଳନୀୟ (୪ ) ଉତ୍ତମ (୫ ) ଅତି ଉତ୍ତମ

କାରଣ ଦର୍ଶାଅ-

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩) କୃଷକ ଉତ୍ପାଦକ ସଙ୍ଗଠନରେ, ଯେହେତୁ କର୍ମଚାରୀମାନେ ଆବଶ୍ୟକୀୟ ଉତ୍ତମ ସେବା ସର୍ବଦା ସମୟାନୁଯାୟୀ ଯୋଗାଇ ଦେଉଥିବାରୁ ଅନ୍ୟ ସେବା ପ୍ରଦାନକାରୀ ପାଖକୁ ଯାଇ ନଥାନ୍ତି ।

୧ ) ଅତି ଖରାପ (୨ ) ଖରାପ (୩) ଚଳନୀୟ (୪ ) ଉତ୍ତମ (୫ ) ଅତି ଉତ୍ତମ

କାରଣ ଦର୍ଶାଅ:

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# ୩

# ଭୂମିକା ଓ ଦାୟିତ୍ୱସମୂହ

## ଅଧିବେଶନ ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ବିଷୟରେ ସଚେତନ ହେବା ସହିତ ବିଭିନ୍ନ କର୍ମଚାରୀମାନେ ସେମାନଙ୍କର ଭୂମିକା ଅନୁସାରେ କିପରି ଭଲକାମ କରିବେ ସେ ଦିଗରେ ସୁନିଶ୍ଚିତ କରାଇବା ।

## ବିଷୟବସ୍ତୁ

୧. ଭୂମିକା ଅନୁସାରେ ଦାୟିତ୍ୱ ଓ ଦକ୍ଷତା ଭିତ୍ତିକ ସଫଳତାର ଗୁରୁତ୍ୱ
୨. ସାଧାରଣ ପରିଷଦର କ୍ଷମତା
୩. ନିର୍ଦ୍ଦେଶକଙ୍କ ଭୂମିକା ଓ ଦାୟିତ୍ୱ
୪. ସିଇଓ/ଜେନେରାଲ ମ୍ୟାନେଜରଙ୍କ ଭୂମିକା
୫. ନିର୍ଦ୍ଦେଶକଙ୍କ/ସିଇଓ/ଜେନେରାଲ ମ୍ୟାନେଜରଙ୍କ ମଧ୍ୟରେ ବିଭିନ୍ନ ଭୂମିକାର ପୃଥକୀକରଣ
୬. ଚେୟାରମ୍ୟାନ/ସଭାପତିଙ୍କ ମୁଖ୍ୟ ଭୂମିକା ଓ ଦାୟିତ୍ୱ
୭. ସଂପାଦକ/ ସେକ୍ରେଟାରୀଙ୍କ ଭୂମିକା ଓ ଦାୟିତ୍ୱ

## କାର୍ଯ୍ୟକାରିଣୀ ବ୍ୟବସ୍ଥା

ପୂର୍ବ ଅଧିବେଶନରେ ସଭ୍ୟ, ବୋର୍ଡର ସଭ୍ୟ ଓ କର୍ମଚାରୀସମୂହ କୃଷକ ଉତ୍ପାଦକ ସଙ୍ଗଠନର ୩ଜଣ ମୁଖ୍ୟ କର୍ମକର୍ତ୍ତା । ବର୍ତ୍ତମାନ ଏହି ଅଧିବେଶନରେ, ଏହି କର୍ମକର୍ତ୍ତାମାନଙ୍କର ଭୂମିକା ଓ ଦାୟିତ୍ୱସବୁ କ'ଣ ଅଛି ସେ ବିଷୟରେ ନିହାତି ଜାଣିବା ଦରକାର ।

ଆମେ ସମସ୍ତେ ଜାଣିଛୁ, ଯେ କୌଣସି ଅନୁଷ୍ଠାନ କିମ୍ବା କୃଷକ ଉତ୍ପାଦକ ସଙ୍ଗଠନ ଭଲଭାବରେ କାର୍ଯ୍ୟ କରିବାକୁ ହେଲେ ସମସ୍ତଙ୍କର ଭୂମିକା ବିଷୟରେ ସ୍ୱଷ୍ଟ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମେ ନିଶ୍ଚିତ କରିବା ଦରକାର ଯେ, ବିଭିନ୍ନ କାର୍ଯ୍ୟକର୍ତ୍ତା ସେମାନଙ୍କର ଭୂମିକା ନିର୍ବାହ କରୁଛନ୍ତି, ଯାହାଫଳରେ ଆମ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରୀତା ଉପରେ କୌଣସି ଦ୍ୱନ୍ଦ୍ୱ ରହିବନାହିଁ। ତେଣୁ ଆମେ ଏହି ଭୂମିକା ଉପରେ ଅଧିକରୁ ଅଧିକ ଜାଣିବା ପାଇଁ ପୂର୍ବ ଘଟଣା ସହ ଆଲୋଚନାକୁ ଆଗକୁ ବଢାଇବା। ଶ୍ରୀମତୀ ଭାରତୀ ବର୍ତ୍ତମାନ ଆମେ କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟ, ବୋର୍ଡ ଏବଂ କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ବିଷୟରେ ସ୍ୱଷ୍ଟ ହେଲୁ। ଶିବରାମ ପଚାରିଲେ, ଆମ ସାଧାରଣ ପରିଷଦ ଆମକୁ କେତେକ ଦାୟିତ୍ୱ ଦେଇଛି, ତେଣୁ ଆମକୁ କୁହନ୍ତୁ ଆମେ କିପରି କୃଷକ ଉତ୍ପାଦକ ସଙ୍ଗଠନକୁ ପରିଚାଳନା କରିବା ଉଚିତ୍ ? ଶ୍ରୀମତୀ ଭାରତୀ ମତ ଦେଲେ ସମସ୍ତ ସଭ୍ୟଙ୍କୁ ଏକାଠି ହେଲେ, ତାହାକୁ ସାଧାରଣ ପରିଷଦ କୁହାଯାଏ ଓ ସମସ୍ତଙ୍କର ସମାନ ଅଂଶଗ୍ରହଣ କରିବା ଅଧିକାର ଅଛି ଓ ତାଙ୍କ କଥା ମଧ୍ୟ ପରିଷଦ ଶୁଣିବ। ସବୁ ବିଷୟ ଶୁଣିବା ସମସ୍ତଙ୍କର ଅଧିକାର ରହିଛି। ସାଧାରଣ ପରିଷଦ ଅତିକମ୍‌ରେ ବର୍ଷକୁ ଥରେ ଏକାଠି ହୋଇ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରିବା ଏବଂ ଏହାର ପ୍ରୟୋଗ ପରେ ସମୀକ୍ଷା କରିବା ଇତ୍ୟାଦି ଆବଶ୍ୟକ।

ଯଦିଓ ଆପଣମାନେ ସମସ୍ତେ ବୋର୍ଡ ବିଷୟରେ ଜାଣିଛନ୍ତି, ତୁମେ ମାନେ କହିପାରିବ କି ବୋର୍ଡ ଅର୍ଥ କ'ଣ ? ଶ୍ରୀମତୀ ଭାରତୀ ପ୍ରଶ୍ନ କଲେ। ଶ୍ରୀଯୁକ୍ତ ଲକ୍ଷ୍ମଣ, ଜଣେ ବୋର୍ଡର ସଭ୍ୟ ବର୍ଣ୍ଣନା କଲେ, ମୋ ମତ ଅନୁସାରେ, ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନକୁ ପରିଚାଳନା କରିବା ପାଇଁ ଯେଉଁ ସଭ୍ୟମାନେ ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ସେମାନଙ୍କୁ ବୋର୍ଡ ବା ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ କୁହାଯାଏ । ଏହି ବୋର୍ଡର, କୃଷକ ଉତ୍ପାଦକ ସଙ୍ଗଠନକୁ ଶାସନ କରିବା ପାଇଁ ଦାୟିତ୍ୱ ରହିବ।

ସାଧାରଣ ପରିଷଦର ନିର୍ଦ୍ଦେଶନାମ ବାଇ-ଲ ଓ ଆଇନ୍ (ଯାହା ଅଧିନରେ କୃଷକ ଉତ୍ପାଦକ ସଙ୍ଗଠନ ପଞ୍ଜିକୃତ ହୋଇଛି) ଅନୁସାରେ କୃଷକ ଉତ୍ପାଦକ ଅନୁସାରେ ସଙ୍ଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ଦାୟିତ୍ୱ ସମ୍ପାଦନ କରିବାକୁ ହେବ। ଏହାର ଅର୍ଥ ସେମାନେ ଯେ କୌଣସି କାର୍ଯ୍ୟ କରିବେ ତାହା ସାଧାରଣ ବୈଠକକୁ ଜଣାଯାଇ ତାଙ୍କର ଅନୁମୋଦନ ନିଆଯିବ। କୃଷକ ଉତ୍ପାଦକ ସଙ୍ଗଠନ ସମ୍ବନ୍ଧୀୟ ସମସ୍ତ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ କେବଳ ସାଧାରଣ ପରିଷଦର କ୍ଷମତା ରହିଛି।


କୃଷକ ଉତ୍ପାଦକ ସଙ୍ଗଠନକୁ ପରିଚାଳନା ପାଇଁ ସାଧାରଣ ପରିଷଦ, ପରିଷଦର ନିର୍ଦ୍ଦେଶକମଣ୍ଡଳୀ ଓ ନିଯୁକ୍ତି ପାଇଥିବା କର୍ମଚାରୀଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟିତ୍ୱ ଅଛି। ଯେତେବେଳେ ଆମେ ସାଧାରଣ ପରିଷଦ, ପରିଷଦର ନିର୍ଦ୍ଦେଶକମଣ୍ଡଳୀ ଓ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସ୍ୱଷ୍ଟଭାବରେ ଅବଗତ ହେବା ସେତେବେଳେ କୃଷକ ଉତ୍ପାଦକ ସଙ୍ଗଠନକୁ ଭଲଭାବରେ ପରିଚାଳନା କରିପାରିବା ଏବଂ ଆମ ଭିତରେ ଆତ୍ମବିଶ୍ୱାସ ବଢିବା ସହ ଆମେ ସଭ୍ୟମାନଙ୍କର ବିଶ୍ୱାସ ଜିତି ପାରିବା। ତେଣୁ ଶ୍ରୀମତୀ ଭାରତୀ ଆଗକୁ ଆଲୋଚନା କରି କହିଲେ, ଆମେ କୃଷକ ଉତ୍ପାଦକ ସଙ୍ଗଠନର ଏହି ୩ଟି କାର୍ଯ୍ୟକର୍ତ୍ତା ମାନଙ୍କର ଭୂମିକା ଏବଂ ଦାୟିତ୍ୱ ବିଷୟରେ ଜାଣିବା।

# ସାଧାରଣ ପରିଷଦ


ସାଧାରଣ ପରିଷଦର କ୍ଷମତା ଏହି ଚିତ୍ର ମାଧ୍ୟମରେ ପ୍ରକାଶ କରାଗଲା




ନିର୍ଦ୍ଦେଶକମଣ୍ଡଳୀର ନିର୍ବାଚନ




ସାମ୍ବିଧାନିକ ନୀତିନିୟମ ଓ କାର୍ଯ୍ୟଧାରାର ସଂଶୋଧନ





ଭବିଷ୍ୟତର ଯୋଜନା, ନୀତିନିୟମ, ଆୟବ୍ୟୟ (ବଜେଟ୍)ର ଅନୁମୋଦନ




ବାର୍ଷିକ ବିବରଣୀ ଏବଂ ଅଡିଟ୍ ହୋଇଥିବା ବିବରଣୀର ଅନୁମୋଦନ




ବଳକା ଅର୍ଥର ବ୍ୟବସ୍ଥା କରିବା ଓ ନିଅଣ୍ଟ ପରିଚାଳନା କରିବା




ନିର୍ଦ୍ଦିଷ୍ଟ ପାଣ୍ଠି ଓ ଗଚ୍ଛିତ ସଂରକ୍ଷିତ ପାଣ୍ଠି ସୃଷ୍ଟି କରିବା




ଅଡ଼ିଟରଙ୍କ ନିଯୁକ୍ତି

ଉପରେ କୁହାଯାଇଥିବା ଅନୁଯାୟୀ, ସାଧାରଣ ପରିଷଦ ହେଉଛି ସର୍ବୋଚ୍ଚ, ଯାହା ପାଖରେ ସବୁ ଆବଶ୍ୟକୀୟ କ୍ଷମତା ନ୍ୟସ୍ତ କରାଯାଇଛି, ଯେହେତୁ ସେମାନେ ହେଉଛନ୍ତି କୃଷକ ଉତ୍ପାଦକ ସଙ୍ଗଠନର ମାଲିକ। ଏହା ହେଉଛି କୃଷକ ଉତ୍ପାଦକ ସଙ୍ଗଠନର ସର୍ବୋଚ୍ଚ ଯିଏ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି ଯଥା; ଦୀର୍ଘମିଆଦି ଯୋଜନା, କୃଷକ ଉତ୍ପାଦକ ସଙ୍ଗଠନ ଭଙ୍ଗ କରିବା ଓ ବୋର୍ଡର ନିଷ୍ପତ୍ତିକୁ ନାମଞ୍ଜୁର କରିବା ଇତ୍ୟାଦି।

## ପରିଷଦରେ ନିର୍ଦ୍ଦେଶକମଣ୍ଡଳୀର ଭୂମିକା ଏବଂ ଦାୟିତ୍ୱସମୂହ

ପରିଷଦ ନିର୍ଦ୍ଦେଶକମଣ୍ଡଳୀକୁ ବହୁତ ଭୂମିକା ଏବଂ ଦାୟିତ୍ୱ ଓ କ୍ଷମତାସମୂହ ଏବଂ ଅସୁବିଧା ମୁଣ୍ଡାଇବା ମଧ୍ୟ ହସ୍ତାନ୍ତର କରାଯାଇଛି ଯାହା ନିମ୍ନରେ ପ୍ରଦାନ କରାଗଲା –







| ପ୍ରଶାସନିକ | ଅର୍ଥନୈତିକ | ବୈଧାନିକ |
|---|---|---|
| • ସଭ୍ୟମାନଙ୍କ ସଦସ୍ୟତା ଗ୍ରହଣ/ରଦ୍ଦ କରିବା<br>• ଅଫିସ୍ କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନ ଏବଂ ବହିଷ୍କାର<br>• ନୀତିନିୟମ ଓ ପ୍ରସ୍ତୁତି ଯୋଜନା<br>• କାର୍ଯ୍ୟକାରିଣୀ କମିଟି ଓ ଉପ-କମିଟି ଗଠନ<br>• କର୍ମଚାରୀ ନିଯୁକ୍ତି ଓ ତାଙ୍କର<br>• କାର୍ଯ୍ୟର ସମୀକ୍ଷା ନିୟମିତଭାବେ ଅଗ୍ରଗତିର ସମୀକ୍ଷା<br>• ଅନ୍ୟ ସଂଗଠନ, ସଂଘ, ସମିତି ରେ ସଦସ୍ୟତା ସ୍ଥିରକରିବା | • ପାଣ୍ଠି ସଂଗ୍ରହ /ପୁଞ୍ଜି ଯୋଗାଡ<br>• ପାଣ୍ଠିର ବିନିଯୋଗ<br>• ଅର୍ଥ ଏବଂ ଜିନିଷପତ୍ରକୁ ଦାୟିତ୍ୱରେ ରଖିବା<br>• ବ୍ୟାଙ୍କ ଆକାଉଣ୍ଟ ଓ ନଥିପତ୍ରର ପରିଚାଳନା<br>• ଅଧିକ ଅର୍ଥର ବଣ୍ଟନ ବ୍ୟବସ୍ଥା<br>• ନିଅଣ୍ଟ ପରିଚାଳନା | • ନିର୍ବାଚନ ପରିଚାଳନା<br>• ହିସାବର ଅଡ଼ିଟ୍ କରିବା<br>• ବାର୍ଷିକ ଆୟକର ଦାଖଲ ଇତ୍ୟାଦି<br>• ବାଇଲର ସଂଶୋଧନ<br>• ସାଧାରଣ ପରିଷଦ ଓ ବୋର୍ଡ ବୈଠକ ପରିଚାଳନା |

# କୃଷକ ଉତ୍ପାଦକ ସଙ୍ଗଠନରେ ସିଇଓ/ପରିଚାଳକଙ୍କ ଭୂମିକା

କୃଷକ ଉତ୍ପାଦକ ସଙ୍ଗଠନରେ ସିଇଓ/ପରିଚାଳକଙ୍କ ଭୂମିକା ଓ ଦାୟିତ୍ୱସମୂହ ନିମ୍ନରେ ପ୍ରଦାନ କରାଗଲା।

**୧. କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ନିର୍ଦ୍ଦେଶମଣ୍ଡଳୀମାନଙ୍କ ପାଖରେ ଦାୟିତ୍ୱପୂର୍ଣ୍ଣ ଓ ଉତ୍ତରଦାୟୀ ରହିବେ।**



- ବୋର୍ଡ /ପରିଷଦକୁ ଲକ୍ଷ୍ୟ, ରଣନୀତି, ଯୋଜନା, ନୀତିସମୂହ ପ୍ରସ୍ତୁତିରେ ସହଯୋଗ କରିବା ।
- ବୋର୍ଡ ଓ ବାହ୍ୟ ସହାୟତା ପ୍ରଦାନକାରୀ ସଂସ୍ଥାର ଆବଶ୍ୟକତା ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ ପରିଷଦ ପ୍ରସ୍ତୁତ କରିବା ସୁନିଶ୍ଚିତ କରିବା। ବୋର୍ଡର ନିର୍ଦ୍ଦେଶକ୍ରମେ ବିଭିନ୍ନ ବୈଧାନିକ ଅନୁପାଳନ ଯଥା; ବୋର୍ଡ/ପରିଷଦ ବୈଠକ, ସାଧାରଣ ପରିଷଦ ବୈଠକ, ନଥିପତ୍ର ଲିଖନ, ଅଡିଟ୍ ବାର୍ଷିକ ଆୟକର ଦାଖଲ ଇତ୍ୟାଦି ସୁନିଶ୍ଚିତ କରାଇବା।
- କୃଷକ ଉତ୍ପାଦକ ସଙ୍ଗଠନର ଦୈନନ୍ଦିନ କାର୍ଯ୍ୟକୁ ପରିଚାଳନା କରିବା।
- ବୋର୍ଡ/ପରିଷଦ ଦ୍ୱାରା ଦିଆଯାଉଥିବା ଏହିପରି ଅନ୍ୟ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା

## ୨) ବୋର୍ଡ/ପରିଷଦ ନିର୍ଦ୍ଦେଶକମାନଙ୍କର ତତ୍ତ୍ୱାବଧାନରେ ସଭ୍ୟମାନଙ୍କୁ ସେବା ଯୋଗାଇବା



- କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟ ପାଇଁ ସୁଯୋଗର ଚିହ୍ନଟ/ସଭ୍ୟମାନଙ୍କର ମଙ୍ଗଳ ପାଇଁ ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଏବଂ ବ୍ୟବସାୟିକ ଯୋଜନାକୁ କାର୍ଯ୍ୟକାରୀ କରିବା
- ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ମାନଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସଭ୍ୟମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ।
- ସଭ୍ୟମାନଙ୍କୁ ସୂଚନା, ପ୍ରଶିକ୍ଷଣ ଓ ବିଷୟଗତ ସଚେତନତା କରିବା କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସମ୍ବଳ (ଅର୍ଥନୈତିକ ଓ ବୈଷୟିକ) ଯୋଗାଡ କରିବା
- କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଆବଶ୍ୟକୀୟ ବିଭିନ୍ନ ଭିତ୍ତିଭୂମିକୁ ସ୍ଥାପନ ଓ ସଭ୍ୟମାନଙ୍କ ଦ୍ୱାରା ବ୍ୟବହାର ହେବା ନିଶ୍ଚିତ କରନ୍ତୁ

### ୩) ସାଙ୍ଗଠନିକ ବ୍ୟବସ୍ଥା ଏବଂ ନୀତିନିୟମ ଅନୁସାରେ ଅନୁପାଳନ



- ହିସାବ କିତାବ ନଥିକୁ ଠିକ୍ ଭାବରେ ପରିଚାଳନା କରିବା, ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରସ୍ତୁତ ଏବଂ ତାହାର ଅଡ଼ିଟ୍ କରିବା ଓ ଅଡିଟ୍ ବିବରଣୀ ବୋର୍ଡ/ପରିଷଦ ଓ ସଭ୍ୟମମାନଙ୍କର ସାଧାରଣ ବୈଠକରେ ଉପସ୍ଥାପନ କରାଯିବ।
- ବୋର୍ଡର ନିର୍ଦ୍ଦେଶ କ୍ରମେ କର୍ମଚାରୀ ନିଯୁକ୍ତି ଏବଂ ସେମାନଙ୍କର କାର୍ଯ୍ୟକୁ ତଦାରଖ କରିବା ।
- କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ ବ୍ୟବସ୍ଥାକୁ ସ୍ଥାପନ କରି କାର୍ଯ୍ୟକାରୀ କରିବା ଯଥା; ହିସାବ କିତାବ କରିବା ଓ ନଥିପତ୍ର ଲେଖିବା, ତଦାରଖ ଏବଂ ବିବରଣୀ, ଉତ୍ପାଦନ, ବିକ୍ରିବଟା, ଶାସନ ବ୍ୟବସ୍ଥା ଓ ମାନବ ସମ୍ବଳ ଇତ୍ୟାଦି,
- ବିଭିନ୍ନ ସହାୟତା ପ୍ରଦାନକାରୀ ସଂସ୍ଥା, ସାଥୀ ଅନୁଷ୍ଠାନ, ସରକାରୀ ସଂସ୍ଥା ସହିତ ସମ୍ପର୍କ ଓ କାରବାର କରିବା।

## ଭୂମିକା ପୃଥକୀକରଣ

ତା'ପରେ ଶ୍ରୀମତୀ ଭାରତୀ ଦର୍ଶାଇଲେ ଯେ, ଆଗରୁ ହୋଇଥିବା ଆଲୋଚନା ଅନୁଯାୟୀ, ବୋର୍ଡ/ପରିଷଦର ସଦସ୍ୟ, ସିଇଓ/ସାଧାରଣ ପରିଚାଳକ ଭୂମିକା ମଧ୍ୟରେ ଥିବା ଥିବା ପାର୍ଥକ୍ୟକୁ ଜାଣିବା ଗୁରୁତ୍ୱପୂର୍ଣ୍ଣ । ଏହାର କାରଣ ଏହା ଜଟିଳ ଅଟେ ଓ ସମୟ ସମୟରେ ଭୂମିକା ସ୍ୱଷ୍ଟତା ନ ଥିଲେ ସେମାନଙ୍କର ଫଳପ୍ରଦ କାର୍ଯ୍ୟକରିବା ପ୍ରଭାବିତ ହୋଇଥାଏ । ତେଣୁ ନିର୍ଦ୍ଦେଶକ ଏବଂ ସିଇଓ/ସାଧାରଣ ପରିଚାଳକଙ୍କ ମଧରେ ଥିବା ଭୂମିକା ପୃଥକୀକରଣ ନିମ୍ନରେ ପ୍ରଦାନ କରାଗଲା ।



**ସାରଣୀ**



**ଭୂମିକାର ପୃଥକୀକରଣ**





| ନିର୍ଦ୍ଦେଶକମାନଙ୍କର | ସିଇଓ/ସାଧାରଣ ପରିଚାଳକ |
|---|---|
| ୧. ନିର୍ଦ୍ଦେଶ ପ୍ରଦାନକରିବା<br>୨. ରଣନୀତି ଅନୁସାରେ ନିର୍ଦ୍ଦେଶ ଦେବା<br>୩. ସାଂଗଠନିକ ନୀତି ନିର୍ଦ୍ଧାରଣ<br>୪. ସାଧାରଣ ପରିଷଦକୁ ଜଣାଇବା<br>୫. ସଭ୍ୟମାନଙ୍କୁ ଆବଶ୍ୟକୀୟ ସେବାର ବ୍ୟବସ୍ଥା କରିବା<br>୬. ସିଇଓ / ସାଧାରଣ ପରିଚାଳକଙ୍କ କାର୍ଯ୍ୟକୁ ସମୀକ୍ଷା କରିବା | ୧. ନିର୍ଦ୍ଦେଶକଙ୍କର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା<br>୨. କାର୍ଯ୍ୟକାରିଣୀ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକରିବା<br>୩. ସାଙ୍ଗଠନିକ ନୀତିନିୟମକୁ କାର୍ଯ୍ୟକାରୀ କରିବା<br>୪. ବୋର୍ଡର ନିର୍ଦ୍ଦେଶକମାନଙ୍କୁ ଜଣାଇବା<br>୫. ସଭ୍ୟମାନଙ୍କୁ ନିର୍ଦ୍ଧାରିତ ସେବା ଯୋଗାଇ ଦେବା<br>୬. ବୋର୍ଡର ନିର୍ଦ୍ଦେଶକ୍ରମେ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକୁ ସମୀକ୍ଷା କରିବା |


ସଂକ୍ଷିପ୍ତରେ, ଯେତେବେଳେ ନିର୍ଦ୍ଦେଶକମାନେ ନୀତିସମୂହ, ରଣନୀତି ଅନୁଯାୟୀ ନିର୍ଦ୍ଦେଶନା ଓ ଯୋଜନା ସବୁ ପ୍ରସ୍ତୁତ କରିଥାନ୍ତି, କର୍ମଚାରୀମାନେ ବୋର୍ଡକୁ ଜଣାଇ ସେଗୁଡିକ କାର୍ଯ୍ୟକାରୀ କରିଥାନ୍ତି ।

ନିମ୍ନଲିଖିତ ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ କାହାର ଦାୟିତ୍ୱ କୋଠରୀ ମଧ୍ୟରେ ଠିକ୍ ଚିହ୍ନ (✓)ଦିଅ ।

| କାର୍ଯ୍ୟକ୍ରମ | ସାଧାରଣ ପରିଷଦ ସଭ୍ୟ | ବୋର୍ଡ | ନିଯୁକ୍ତ କର୍ମଚାରୀ |
|---|---|---|---|
| ୧. ସଦସ୍ୟତା ଗ୍ରହଣ   | | | |
| ୨. ସାଧାରଣ ପରିଷଦ ବୈଠକ ପରିଚାଳନା  | | | |
| ୩. ଅଡ଼ିଟରଙ୍କୁ ନିଯୁକ୍ତି  | | | |

| କାର୍ଯ୍ୟକ୍ରମ | ସାଧାରଣ ପରିଷଦ ସଭ୍ୟ | ବୋର୍ଡ | ନିଯୁକ୍ତ କର୍ମଚାରୀ |
|---|---|---|---|
| ୪. ମତଦାନ ଦେଇ ବୋର୍ଡର ସଭ୍ୟମାନଙ୍କୁ ନିର୍ବାଚିତ କରିବା  | | | |
| ୫. ବାର୍ଷିକ ଯୋଜନାକୁ ଅନୁମୋଦନ   | | | |
| ୬. ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀର ଅନୁମୋଦନ   | | | |

| କାର୍ଯ୍ୟକ୍ରମ | ସାଧାରଣ ପରିଷଦ ସଭ୍ୟ | ବୋର୍ଡ | ନିଯୁକ୍ତ କର୍ମଚାରୀ |
|---|---|---|---|
| ୭. ବାର୍ଷିକ ଆୟବ୍ୟୟ ହିସାବର ବିବରଣୀ ପ୍ରଦାନ  | | | |
| ୮. ଆଇନଗତ ଅନୁପାଳନ  | | | |
| ୯. ହିସାବ ନଥିପତ୍ର ଲିଖନ ଓ ଏହାର ସୁପରିଚାଳନା  | | | |
| ୧୦. ସଭ୍ୟମାନଙ୍କୁ ସାଧନ ଯୋଗାଣ (ବିହନ,ସାର,କୃଷି ଯନ୍ତ୍ରପାତି ଓ ଜ୍ଞାନକୌଶଳ)  | | | |

| କାର୍ଯ୍ୟକ୍ରମ | ସାଧାରଣ ପରିଷଦ ସଭ୍ୟ | ବୋର୍ଡ | ନିଯୁକ୍ତ କର୍ମଚାରୀ |
|---|---|---|---|
| ୧୧. ସଭ୍ୟମାନଙ୍କର ଉତ୍ପାଦକୁ କ୍ରୟ / ସଂଗ୍ରହ କରିବା<br><br> | | | |
| ୧୨. ସିଇଓଙ୍କ ନିଯୁକ୍ତି<br> | | | |
| ୧୩. କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନୀତି ନିର୍ଦ୍ଧାରଣ କରିବା<br> | | | |

# ବ୍ୟକ୍ତିଗତ ଆତ୍ମ-ବିଶ୍ଳେଷଣ (ନିଜକୁ ଜାଣିବା)

ଆଶା କରୁଥିବା ଭୂମିକା ଅନୁସାରେ ବ୍ୟକ୍ତିଗତ ଭାବେ ନିଜକୁ ଆକଳନ କରିବା ଏବଂ ଚିହ୍ନଟ କରିବା ଯେ, ଆମେ ଆମ ଭୂମିକାରେ କେତେ ଦୂର ନିର୍ବାହ କରିବାକୁ ସକ୍ଷମ । ଆମର ଉଦ୍ୟମ ଆମର ଉନ୍ନତି ପାଇଁ କ'ଣ ସବୁ ଆବଶ୍ୟକ ନିଶ୍ଚୟ କରିବା ଯାହାଫଳରେ ଆମେ ଆମର ଭୂମିକାକୁ ସମ୍ପୂର୍ଣ୍ଣ ରୂପେ ନିର୍ବାହ କରିପାରିବା ।



# ପଠନ ବିଷୟ

**୨୦୧୩ କମ୍ପାନୀ ଆଇନ୍:**

କମ୍ପାନୀର ସଭ୍ୟମାନଙ୍କର କର୍ତ୍ତୃତ୍ୱ – ସଭ୍ୟମାନେ ସାଧାରଣ ପରିଷଦ ମାଧ୍ୟମରେ କାର୍ଯ୍ୟ କରନ୍ତି ଏବଂ ପରିଷଦ ଏକଲା କାର୍ଯ୍ୟ କରିପାରିବେ

୧ ) କଂପାନୀର ବଜେଟ୍ ଓ ବାର୍ଷିକ ହିସାବ କିତାବକୁ ଅନୁମୋଦନ କରିବା

୨ ) ସ୍ଥଗିତ ରଖାଯାଇଥିବା ଅର୍ଥର ପରିମାଣ ଅନୁମୋଦନ

୩) ପୃଷ୍ଠପୋଷକତା ବୋନସ ପରିମାଣ ଅନୁମୋଦନ କରିବା

୪) ଅଂଶଧନ ରାଶି ଅନୁମୋଦନ କରିବା

୫) ଅଡ଼ିଟରଙ୍କ ନିଯୁକ୍ତି କରିବା

୬) ଲାଭାଂଶ ଓ ତାର ବଣ୍ଟନ ନିମନ୍ତେ ନିଷ୍ପତ୍ତି ନେଇ ଘୋଷଣା କରିବା

୭) ସଂଗଠନର ନିୟମକାନୁନ୍‌ରେ ସଂଶୋଧନ କରିବା

୮) ବୋର୍ଡ ଦ୍ୱାରା କୌଣସି ନିର୍ଦ୍ଦେଶକଙ୍କୁ ଦିଆଯିବାକୁ ଋଣର ପରିମାଣ ଓ ସର୍ତ୍ତସବୁ ନିର୍ଦ୍ଧାରଣ କରିବା ଓ

୯) ବାଇଲରେ ନିର୍ଦ୍ଦିଷ୍ଟଭାବେ ସଂରକ୍ଷିତ ଥିବା ସଭ୍ୟମାନଙ୍କ ଦ୍ୱାରା ନିଷ୍ପତ୍ତିକୁ ଅନୁମୋଦନ ଦେବା ଅଥବା ଯେ କୌଣସି ବିଷୟ ଉପରେ କାର୍ଯ୍ୟ କରିପାରିବେ ।

**ପରିଷଦର କ୍ଷମତା ଓ କାର୍ଯ୍ୟ (କମ୍ପାନୀ ଆଇନ୍ ୨୦୧୩ ଅନୁଯାୟୀ)**

୧) ଅଂଶଧନର ଭାଗ ପଇଠ ନିମନ୍ତେ ଦେବାକୁଥିବା ଲାଭାଂଶର ନିର୍ଦ୍ଧାରଣ

୨) ସ୍ଥଗିତ ମୂଲ୍ୟର ପରିମାଣ ନିର୍ଦ୍ଧାରଣ ଓ ସାଧାରଣ ବୈଠକରେ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ୍;

୩) ନୂତନ ସଭ୍ୟମାନଙ୍କୁ ଗ୍ରହଣକରିବା

୪) ସଙ୍ଗଠନ ପାଇଁ ନୀତି, ଉଦ୍ଦେଶ୍ୟ, ନିର୍ଦ୍ଦିଷ୍ଟ ଦୀର୍ଘମିଆଦି ଓ ବାର୍ଷିକ ଲକ୍ଷ୍ୟ ସ୍ଥିରକରିବା ଓ କର୍ପୋରେଟ୍ ରଣନୀତି / ଆର୍ଥିକ ଯୋଜନାର ଅନୁମୋଦନ କରି କାର୍ଯ୍ୟକାରୀ କରିବା

୫) ବାଇଲ ଅନୁଯାୟୀ ଉତ୍ପାଦକ କଂପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ତାଙ୍କ ପରି ଅନ୍ୟ ଅଧିକାରୀ ମାନଙ୍କର ନିଯୁକ୍ତି

୬) ବୋର୍ଡ ଦ୍ୱାରା ନିଯୁକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ତାଙ୍କପରି ଅନ୍ୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନ, ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନ ଜାହିର କରିବା

୭) ସଠିକ୍ ଭାବରେ ହିସାବ, ନଥିପତ୍ର ପରିଚାଳନା,ବାର୍ଷିକ ଆର୍ଥିକ ହିସାବ, ଅଡ଼ିଟର ବିବରଣୀ ପ୍ରସ୍ତୁତ କରାଯାଇ ସାଧାରଣ ବୈଠକରେ ଉପସ୍ଥାପନ କରାଯିବା ସହିତ ସଂଶୋଧନ ଉପରେ ଅଡିଟରଙ୍କ ଉତ୍ତର ମଧ୍ୟ ରଖାଯିବ

୮) ଉତ୍ପାଦକ କମ୍ପାନୀ ତା'ର ସାଧାରଣ ବ୍ୟବସାୟ ଚାଲିଥିବା ସମୟରେ ସମ୍ପତ୍ତି କ୍ରୟ ବା ବିକ୍ରୟ କରିବା

୯) ଉତ୍ପାଦକ କମ୍ପାନୀ ତା'ର ବ୍ୟବସାୟ ପାଇଁ ତାର ପାଣ୍ଠିକୁ ବିନିଯୋଗ କରିବା ।

୧୦) କୌଣସି ଋଣ କିମ୍ବା ଅଗ୍ରୀମ ଅର୍ଥ, ଉତ୍ପାଦକ କଂପାନୀର ବ୍ୟବସାୟ କାର୍ଯ୍ୟପାଇଁ ଯେ କୌଣସି ସଭ୍ୟଙ୍କ ପାଇଁ ଅନୁମୋଦନ କରିବା, ଯିଏ ନିଜେ ନିର୍ଦ୍ଦେଶକ ହୋଇ ନଥିବେ ଅଥବା ତାଙ୍କର ସମ୍ପର୍କୀୟ ହୋଇ ନଥିବେ

୧୧) ବୋର୍ଡ ଏହା ବ୍ୟତୀତ ଆବଶ୍ୟକ ସ୍ଥଳେ କୌଣସି କାର୍ଯ୍ୟ ଓ କ୍ଷମତା ବ୍ୟବହାର କରିପାରିବେ ।

**ନିର୍ଦ୍ଦେଶକମଣ୍ଡଳୀର କ୍ଷମତା ଓ କାର୍ଯ୍ୟ (୧୯୯୫ ମାକସ୍ ଆଇନ୍ ଅନୁସାରେ)**

୧) ବାଇ-ଲ ଅନୁସାରେ ବୋର୍ଡ ଏହି କ୍ଷମତାଗୁଡ଼ିକ କାର୍ଯ୍ୟକାରୀ କରିପାରିବ ।

କ) ସଦସ୍ୟଙ୍କୁ ଗ୍ରହଣ ଓ ସଦସ୍ୟତାରୁ ବହିଷ୍କାର

ଖ) ଅଧ୍ୟକ୍ଷ, ଅନ୍ୟ ନିର୍ବାଚିତ କାର୍ଯ୍ୟକର୍ତ୍ତା

ଗ) କାର୍ଯ୍ୟାଳୟରୁ ଅଧ୍ୟକ୍ଷ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ବହିଷ୍କାର କରିବାର କ୍ଷମତା

ଘ) ମୁଖ୍ୟନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ଓ ବହିଷ୍କାର

ଙ) ନିର୍ଦ୍ଦିଷ୍ଟ ସଂଖ୍ୟକ କର୍ମଚାରୀ ନିର୍ଦ୍ଧାରଣ

ଚ) ନୀତିନିୟମ ନିର୍ଦ୍ଧାରଣ

- ୧) ସଂଗଠନ ଓ ସଭ୍ୟମାନଙ୍କୁ ସେବା ପ୍ରଦାନ
- ୨) ସମବାୟ ସମିତିରେ କର୍ମଚାରୀଙ୍କୁ ନିଯୁକ୍ତି ଓ ସେମାନଙ୍କ ଚାକିରି ସର୍ତ୍ତାବଳୀ
- ୩) ଜିନିଷପତ୍ରକୁ ଆୟତ୍ତରେ ରଖିବା ଓ ପାଣ୍ଠିର ବିନିଯୋଗ/ନିବେଶ
- ୪) ହିସାବପତ୍ର କିପରି ଭାବରେ ରଖିବା
- ୫) ବିଭିନ୍ନ ପ୍ରକାର ପାଣ୍ଠିର ସଂଗ୍ରହ, ବ୍ୟବହାର ଓ ବିନିଯୋଗ/ନିବେଶ
- ୬) ତଦାରଖ ଓ ପରିଚାଳନାଗତ ତଥ୍ୟ ବ୍ୟବସ୍ଥା (MIS) ସହିତ ବୈଧାନିକ ଆୟକର ଇତ୍ୟାଦି ଦାଖଲ ଓ
- ୭) ଅନ୍ୟ ଯେ କୌଣସି ବିଷୟ ଯାହା ଆବଶ୍ୟକ ଅନୁସାରେ ସମବାୟ ସମିତିର କାର୍ଯଧାରାକୁ ଉଚ୍ଚକୋଟୀର କରିଥାଏ ।

ଛ) ବାର୍ଷିକ ବିବରଣୀ, ବାର୍ଷିକ ଆର୍ଥିକ ବିବରଣୀ, ବାର୍ଷିକ ଯୋଜନା ଏବଂ ବଜେଟ୍ ଅନୁମୋଦନ ନିମନ୍ତେ ସାଧାରଣ ପରିଷଦର ବୈଠକରେ ଉପସ୍ଥାପନ କରାଯିବ।

ଜ) ଅଡ଼ିଟ୍, ଅନୁପାଳନ ବିବରଣୀ ବିଚାର କରି ସାଧାରଣ ବୈଠକରେ ଉପସ୍ଥାପନ କରିବା

ଝ) ଅନ୍ୟ ସମବାୟରେ ସଦସ୍ୟତାର ସମୀକ୍ଷା

ଞ) ସାଧାରଣ ପରିଷଦ ଦ୍ୱାରା ହସ୍ତାନ୍ତରିତ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ଗ୍ରହଣକରି କାର୍ଯ୍ୟକରିବା ।

**ବୋର୍ଡ/ପରିଷଦର କ୍ଷମତା ଓ କାର୍ଯ୍ୟସମୂହ (କମ୍ପାନୀ ଆଇନ୍ ୨୦୧୩ ଅନୁଯାୟୀ)**

୧) ଯେତେବେଳେ ନିର୍ଦ୍ଦେଶକଙ୍କ ବୈଠକ ପ୍ରସ୍ତାବ ପାଇଁ ମତଦାନ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଅନୁମୋଦନ କରନ୍ତି, କୌଣସି ବିଷୟ ଯଦି ବ୍ୟବସ୍ଥା ବିରୁଦ୍ଧରେ ମିଳିତଭାବେ ଓ ବହୁତ ଜଣଙ୍କ ଦ୍ୱାରା ହୋଇଥାଏ, ତା'ହେଲେ ଏହି ଆଇନ୍ ବା ଅନ୍ୟ କୌଣସି ବଳବତ୍ତରଥିବା ଆଇନ୍ ଅଧିନରେ ଥିବା ଉତ୍ପାଦକ କମ୍ପାନୀର ଯଦି କ୍ଷୟକ୍ଷତି ହେବ, ତା'ହେଲେ ସେମାନେ ତା'ର ଭରଣା କରିବେ ।

୨) ଉପଧାରା(୧)ରେ ଥିବା ବ୍ୟବସ୍ଥାକୁ ବିନା ପକ୍ଷପାତରେ, ତା'ର ନିର୍ଦ୍ଦେଶକଙ୍କଠାରୁ କ୍ଷତିପୂରଣ ଆଦାୟ କରିବା ଉତ୍ପାଦକ କମ୍ପାନୀର ଅଧିକାର ରହିବା ଉଚିତ୍ ।

୩. (କ) ଉପଧାରା (୧)ରେ ଥିବା ବ୍ୟବସ୍ଥାକୁ ଲଙ୍ଘନ କରି ଯେଉଁଠି ନିର୍ଦ୍ଦେଶକ କିଛି ଲାଭ ପାଇଛନ୍ତି ତେବେ ତାଙ୍କଠାରୁ ଲାଭ କରିଥିବା ଅର୍ଥର ସମାନ ପରିମାଣ କ୍ଷତିଭରଣା ବାବଦରେ ଆଦାୟ କରାଯିବ ।

୪. (ଖ) ଉପଧାରା (୧)ର ବ୍ୟବସ୍ଥା ଲଙ୍ଘନ କରିବା ଫଳରେ ଯେଉଁଠି ଉତ୍ପାଦକ କମ୍ପାନୀର କ୍ଷୟକ୍ଷତି ହୋଇଛି, କ୍ଷୟକ୍ଷତିର ସମାନ ପରିମାଣ ଏହି ଧାରା ଅନୁଯାୟୀ କ୍ଷତିପୂରଣ ଧାର୍ଯ୍ୟ କରାଯିବ । ଏହା ବ୍ୟତୀତ ଏହି ଆଇନ୍ ବା ଯେକୌଣସି ବଳବତ୍ତର ଥିବା ଆଇନ୍ ଅଧିନରେ ନିର୍ଦ୍ଦେଶକଙ୍କ ଉପରେ କ୍ଷତିଭରଣା ଧାର୍ଯ୍ୟ କରାଯିବ ।

**ସଭାପତିଙ୍କ ଭୂମିକା ଓ ଦାୟିତ୍ୱସମୂହ**

୧) ସାଧାରଣ ବୈଠକ, ସ୍ୱତନ୍ତ୍ର ବୈଠକରେ ସଭାପତିତ୍ୱ କରିବେ ଓ ବୈଠକର କାର୍ଯ୍ୟାବଳୀକୁ ଅନୁଧ୍ୟାନ କରିବେ ।

୨) ସର୍ବଦା ଜାଣିବା ଓ ସଚେତନ ରହିବା ଯେ, ପେଟିକା ଅନୁଯାୟୀ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟଧାରା ଫଳପ୍ରଦ ଓ ଦକ୍ଷତାର ସହ ଚାଲୁଅଛି ଓ ସେଥିପାଇଁ ଆବଶ୍ୟକୀୟ କାର୍ଯ୍ୟ କରାଯାଉଅଛି ।

୩) ସାଧାରଣ ବୈଠକ ଓ ସ୍ୱତନ୍ତ୍ର ବୈଠକରେ ସୁଚିନ୍ତିତ ନିଷ୍ପତ୍ତି ଅନୁସାରେ ସଭ୍ୟମାନଙ୍କର ମଙ୍ଗଳ ପାଇଁ କାମ କରିବା ।

୪) ବୋର୍ଡର ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ  କାର୍ଯ୍ୟକାରୀ କରିବା

୫) କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ କାର୍ଯ୍ୟକୁ ଦେଖିବା ସହ ଆଇନକାନୁନ୍‌ରେ ଅନୁପାଳନ କରିବା

୬) କୃଷକ ଉତ୍ପାଦକ ସଙ୍ଗଠନର କର୍ମଚାରୀ ମାନଙ୍କର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା

୭) କୃଷକ ଉତ୍ପାଦକ ସଙ୍ଗଠନର ବିକାଶ ପାଇଁ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିବା

୮) ବିଭିନ୍ନ ବାହ୍ୟ ସ୍ତରରେ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରତିନିଧିତ୍ୱ କରିବା

୯) କୃଷକ ଉତ୍ପାଦକ ସଙ୍ଗଠନରେ କାମକରିବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଓ ରକ୍ଷଣଶୀଳଭାବେ ତାର ଯତ୍ନ ନେବା

୧୦) ସଭ୍ୟ ଓ କର୍ମଚାରୀଙ୍କ ସମସ୍ୟା, ଅଭିଯୋଗ ସଂପାଦକଙ୍କ ଦ୍ୱାରା ଜାଣିବା ଓ ସମାଧାନ କରିବା, ନିଷ୍ପତ୍ତି ଅନୁସାରେ ପଦକ୍ଷେପ ଗ୍ରହଣ କରିବା

୧୧) କୃଷକ ଉତ୍ପାଦକ ସଙ୍ଗଠନର ହିତକୁ ସୁରକ୍ଷା ଦେବା ଏବଂ ସମସ୍ତ ଆବଶ୍ୟକୀୟ କାର୍ଯ୍ୟ କରାଇବା ସହିତ ସଙ୍ଗଠନର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବା ।

## ସଂପାଦକଙ୍କ ଭୂମିକା ଓ ଦାୟିତ୍ୱସମୂହ

୧) କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ରସିଦ୍, ଉପାଦେୟ ନଥିପତ୍ର, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ପ୍ରମାଣପତ୍ର ଇତ୍ୟାଦିରେ ସମ୍ପାଦକଙ୍କ ଦସ୍ତଖତ କରିବା

୨) କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ଓ ସ୍ୱତନ୍ତ୍ର ବୈଠକ, ବୋର୍ଡ ଦ୍ୱାରା ନିଯୁକ୍ତ କାର୍ଯ୍ୟକାରୀ କମିଟି, ଉପ-କାର୍ଯ୍ୟକାରୀ କମିଟିର ସଭା ଡାକିବା ଓ ସଙ୍ଗଠିତ କରିବା । ସବୁ ସଭାରେ ଯୋଗଦାନ କରିବା, ସଭାର ଉପସ୍ଥାନ ରଖିବା, ସଭାର ବିବରଣୀ ଲେଖିବା ଓ ଏଥିରେ ସଭାପତିଙ୍କ ଦସ୍ତଖତ କରାଇବା ଓ ସଂପୃକ୍ତ ବ୍ୟକ୍ତିମାନଙ୍କ ପାଖକୁ ପଠାଇବା, ସଭାରେ ନିଆଯାଇଥିବା ନିଷ୍ପତ୍ତି ସବୁର କାର୍ଯ୍ୟକାରୀ କରିବା

୩) ଆଇନ ଅନୁମୋଦିତ ନୀତି ଗୁଡ଼ିକୁ ତଦାରଖ କରିବା ଓ ସମୟାନୁଯାୟୀ ଆଇନ୍‌କାନୁନ୍‌ର ଅନୁପାଳନ ନିଶ୍ଚିତ କରିବା

୪) କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟ, ବୈଧାନିକ ଓ ନିୟମାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକୀୟ ସବୁ ତଥ୍ୟକୁ ଏକାଠି କରି ପ୍ରଦାନ କରିବା

୫) କୃଷକ ଉତ୍ପାଦକ ସଙ୍ଗଠନର ସବୁ କାରବାରରେ ଏହାର ହିତକୁ ସୁରକ୍ଷା ଦେବା ।

**ସିଇଓଙ୍କ କାର୍ଯ୍ୟାବଳୀ (କମ୍ପାନୀ ଆଇନ୍ ୨୦୧୩ ଅନୁଯାୟୀ)**

୧) ଜଣେ ପ୍ରଶାସକ ହିସାବରେ ଉତ୍ପାଦକ କଂପାନୀର, ଦୈନନ୍ଦିନ କାର୍ଯ୍ୟକୁ ପରିଚାଳନା କରିବା ସହ ପ୍ରଶାସନିକ କାର୍ଯ୍ୟସବୁ କରିବା

୨) ବ୍ୟାଙ୍କ୍ ଜମାଖାତା ଚଳାଇବା ଅଥବା କୌଣସି ବ୍ୟକ୍ତିଙ୍କୁ ଅଧିକୃତ କରିବା, ଯାହା ବ୍ୟାଙ୍କ୍ ଖାତା ଚଳାଇବାକୁ ବୋର୍ଡ ଦ୍ୱାରା ସାଧାରଣ ବା ସ୍ୱତନ୍ତ୍ର ଅନୁମୋଦନ ଲାଭ କରିଥାଏ ।

୩) ଉତ୍ପାଦକ କଂପାନୀର ଅର୍ଥ ଓ ଅନ୍ୟ ସାମଗ୍ରୀର ନିରାପଦ ଭାବରେ ରଖିବା ପାଇଁ ବନ୍ଦୋବସ୍ତ କରିବା ।

୪) ବୋର୍ଡ ଦ୍ୱାରା ଅଧିକୃତ ଓ କମ୍ପାନୀ ତରଫରୁ ସମସ୍ତ ଉପାଦେୟ ନଥିପତ୍ରରେ ଦସ୍ତଖତ କରିବା

୫) ସଠିକ୍ ଭାବରେ ହିସାବ ବହି ଲେଖିବା, ବାର୍ଷିକ ହିସାବ ପ୍ରସ୍ତୁତ, ଅଡିଟ୍ ଓ ଅଡିଟ୍ ବିବରଣୀ ପରିଷଦର ସଭ୍ୟ ଏବଂ ବାର୍ଷିକ ସାଧାରଣ ବୈଠକ ସମ୍ମୁଖରେ ଉପସ୍ଥାପନା କରିବା ।

୬) ଉତ୍ପାଦକ କଂପାନୀର କାର୍ଯ୍ୟ ସମୟାନୁଯାୟୀ ସୂଚନା ସଭ୍ୟମାନଙ୍କୁ ପ୍ରଦାନ କରିବା

୭) ବୋର୍ଡର କ୍ଷମତା ବିକେନ୍ଦ୍ରୀକରଣ ଅନୁଯାୟୀ ନିଯୁକ୍ତି ଦେବା

୮) ପରିଷଦକୁ ସାଂଗଠନିକ ଲକ୍ଷ୍ୟ, ଉଦ୍ଦେଶ୍ୟ, ରଣନୀତି, ଯୋଜନା, ନୀତି ପ୍ରସ୍ତୁତ କରିବାରେ ସହଯୋଗ କରିବା

୯) ପ୍ରସ୍ତାବିତ ଓ ଚାଲୁଥିବା କାର୍ଯ୍ୟକଳାପ ସମ୍ବନ୍ଧିତ ବୈଧାନିକ ଓ ନିୟମାଙ୍କ ବିଷୟରେ ବୋର୍ଡକୁ ପରାମର୍ଶ ଦେବା ଏବଂ ବୋର୍ଡ ଦ୍ୱାରା ହସ୍ତାନ୍ତର ହୋଇଥିବା ଅନୁଯାୟୀ ସେହିପରି କାର୍ଯ୍ୟ ସମ୍ପାଦନ କରିବା ଓ କ୍ଷମତାର ସଦୁପଯୋଗ କରିବା

୧୦) ଯେ କୌଣସି ସାଧାରଣ ବ୍ୟବସାୟ ପାଇଁ ଆବଶ୍ୟକତା ଅନୁଯାୟୀ କ୍ଷମତାର ବ୍ୟବହାର କରିବା

# କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ

ବର୍ତ୍ତମାନ ଆମେ ଶେଷରେ ଉପନୀତ ହେଲୁ ଯେ, କୃଷକ ଉତ୍ପାଦକ ସଙ୍ଗଠନର "ଗଠନଢାଞ୍ଚା ଓ ରୂପରେଖ" ମନେପକାଇବା ଏବଂ ସଂଗଠନର ବିଷୟ ଆରମ୍ଭରେ କେତୋଟି ମୌଳିକ ପ୍ରଶ୍ନର ଭଲ ଉତ୍ତର ପାରମ୍ଭିକ ମୂଲ୍ୟାୟନରେ ଦେଇଥିଲେ ।

ବର୍ତ୍ତମାନ କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନରେ ଆମେ ନିଜକୁ ମାପିବା - ଏହି ଶିକ୍ଷଣ ପେଟିକା ପଢି କେତେ ଅଧିକ ବୁଝିଛେ, ତେଣୁ ଆମେ ଏହି ଶିକ୍ଷଣ ପେଟିକାରୁ ଶିଖିଥିବା କେତୋଟି ପ୍ରଶ୍ନର ଉତ୍ତର ଦେବା -

୧) ସାଧାରଣ ପରିଷଦର କ୍ଷମତା ଓ କାର୍ଯ୍ୟଗୁଡିକ କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨) କୃଷକ ଉତ୍ପାଦକ ସଙ୍ଗଠନରେ କିଏ ସେବା ଯୋଗାଇଥାନ୍ତି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩) କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକମାନଙ୍କ ଅସୁବିଧାଜନକ ଦାୟିତ୍ୱସବୁ କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୪) ନିର୍ଦ୍ଦେଶକ ଓ ସିଇଓଙ୍କ ଭୂମିକା ମଧ୍ୟରେ ପାର୍ଥକ୍ୟ କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# ଶିକ୍ଷଣ ପେଟିକାରୁ ମୁଖ୍ୟ କାର୍ଯ୍ୟଖସଡା

## କୃଷକ ଉତ୍ପାଦକ ସଙ୍ଗଠନର ଆନୁଷ୍ଠାନିକ ଗଠନ ଢାଞ୍ଚା ଏବଂ ରୂପରେଖ

ଆସନ୍ତୁ, କୃଷକ ଉତ୍ପାଦକ ସଙ୍ଗଠନର ଆନୁଷ୍ଠାନିକ ଗଠନଢାଞ୍ଚା ଏବଂ ରୂପରେଖ ଏହି ଶିକ୍ଷଣ ପେଟିକାରୁ କ'ଣ ଶିଖିଲେ, ମୁଖ୍ୟ କାର୍ଯ୍ୟ ଖସଡା ବିଷୟରେ ଲେଖିବା ।

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...
... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...

# ଟିପ୍ପଣୀ

# ସିଇଓ/ସାଧାରଣ ପରିଚାଳକଙ୍କ ଭୂମିକା

## କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡ ନିର୍ଦ୍ଦେଶକମଣ୍ଡଳୀ ପାଖରେ ଦାୟିତ୍ୱ ଓ ପୂର୍ଣ୍ଣ ଉତ୍ତରଦାୟୀ



- ବୋର୍ଡ /ପରିଷଦକୁ ଲକ୍ଷ୍ୟ, ରଣନୀତି, ଯୋଜନା , ନୀତିସମୂହ ପ୍ରସ୍ତୁତିରେ ସହଯୋଗ କରିବା ।
- ବୋର୍ଡ /ପରିଷଦ ବୈଠକ, ସାଧାରଣ ପରିଷଦ ବୈଠକ, ନଥିପତ୍ର ଲିଖନ, ଅଡିଟ, ବାର୍ଷିକ ଆୟକର ଦାଖଲ ଇତ୍ୟାଦି ସୁନିଶ୍ଚିତ କରାଇବା।
- ବୋର୍ଡ ଓ ବାହ୍ୟ ସହାୟତା ପ୍ରଦାନକାରୀ ସଂସ୍ଥାର ଆବଶ୍ୟକତା ଅନୁଯାୟୀ ସଂସ୍ଥା ବିବରଣୀ ପ୍ରସ୍ତୁତ କରିବା ନିଶ୍ଚିତ କରିବ
- ବୋର୍ଡ / ପରିଷଦ ଦ୍ୱାରା ଦିଆଯାଇଥିବା ଏହିପରି ଅନ୍ୟ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବ

## ବୋର୍ଡ/ପରିଷଦ ନିର୍ଦ୍ଦେଶକମାନଙ୍କର ତତ୍ତ୍ୱାବଧାନରେ ସଭ୍ୟମାନଙ୍କୁ ସେବା ଯୋଗାଇବା




- କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟ ପାଇଁ ଦ୍ରୁତ ସେବା ଭିତ୍ତିଭୂମି-ମାନକର ମଧ୍ୟମ ପନ୍ଥା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଏବଂ ଏହାକୁ ଠିକ ଲୋକଙ୍କୁ କାର୍ଯ୍ୟକାରୀ କରିବା
- ବୋର୍ଡର ନିର୍ଦ୍ଦେଶକମାନଙ୍କ ଦକ୍ଷ ନିର୍ଦ୍ଦେଶ ଭୂମିକା ସଭ୍ୟମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା।
- ସଭ୍ୟମାନଙ୍କୁ ତାଲିମ, ପ୍ରଶିକ୍ଷଣ ଓ ବିଷୟଗତ ସଚେତନତା କରିବା
- କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଋଣ /ଆର୍ଥିକ ନୈତିକ ଓ ବୈଷୟିକ ସେ ଯୋଗାଡ଼ କରିବ
- କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଆବଶ୍ୟକୀୟ ବିଭିନ୍ନ ଭିତ୍ତିଭୂମିକୁ ସ୍ଥାପନ ଓ ସଭ୍ୟମାନଙ୍କ ଦ୍ୱାରା ବ୍ୟବହାର ହେବା ନିଶ୍ଚିତ କରିବ ।

## ସାଙ୍ଗଠନିକ ବ୍ୟବସ୍ଥା ଏବଂ ନୀତିନିୟମ ଅନୁସାରେ ଅନୁପାଳନ



- ହିସାବ କିତାବ ଖାତାକୁ ଠିକ୍ ଭାବରେ ପରିଚାଳନା କରିବା, ବାର୍ଷିକ ଓ ଆୟବ୍ୟୟର ବିବରଣୀ ପ୍ରସ୍ତୁତ ଏବଂ ତାହାର ଅଡିଟ୍ କରିବା ଓ ଅଡିଟ୍ ବିବରଣୀ ବୋର୍ଡ / ପରିଷଦ ଓ ସଭ୍ୟମାନଙ୍କର ସାଧାରଣ ବୈଠକରେ ଉପସ୍ଥାପନ କରାଯିବ।
- ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଏବଂ ସେମାନଙ୍କର କାର୍ଯ୍ୟକୁ ତଦାରଖ କରିବା ।
- କୃଷକ ଉତ୍ପାଦକ ସଙ୍ଗଠନର ବିଭିନ୍ନ ବ୍ୟବସ୍ଥାକୁ ସ୍ଥାପନା କରି କାର୍ଯ୍ୟକାରୀ କରିବା ଯଥା; ହିସାବ କିତାବ ରଖିବା ଓ କଣଙ୍କୁ ଲେଖିବା, ଚଳାଇବା ଏବଂ ବିକ୍ରୟ , ଉତ୍ପାଦନ, ବିକ୍ରିବଟା, ଓ ସବ ବ୍ୟବସ୍ଥା ଓ ମାନକ ବଜାୟ ରଖିବା
- ବିଭିନ୍ନ ସହାୟତା ପ୍ରଦାନକାରୀ ସଂସ୍ଥା, ଯଥା ଅନୁଷ୍ଠାନ, ସରକାରୀ ଅନୁଷ୍ଠାନ ସହିତ ସମ୍ପର୍କ ଓ ବଜାୟ ।

## ଏପିମାସ୍ ସମ୍ପର୍କରେ

ଏପିମାସ୍ ଏକ ଅଣ-ଲାଭଦାୟକ ଜାତୀୟ ସ୍ତରୀୟ ସାଧନ ଅନୁଷ୍ଠାନ, ଯିଏ କି ଲୋକ ସଙ୍ଗଠନମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରେ। ସେଗୁଡିକ ହେଲା ମହିଳା ସ୍ୱୟଂ ସହାୟକ ଦଳ (ଏସଏଚଜି), ସ୍ୱୟଂ ସହାୟକ ଦଳର ସଂଘ, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠିଭିତ୍ତିକ ସଙ୍ଗଠନସମୂହ। ନିଜେ ନିଜକୁ ସହାୟତା, ସମୂହ ଲାଭ, ନିଜର ଦାୟିତ୍ୱବୋଧତା ଏବଂ ଆତ୍ମନିର୍ଭରଶୀଳତା ସଙ୍ଗଠନର ଉପଦେଷ୍ଟା ମୂଲ୍ୟବୋଧକୁ ବିଶ୍ୱାସ ଏବଂ ଅଭ୍ୟାସ କରେ।






## ପରିକଳ୍ପନା - କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଢାଞ୍ଚା ଓ ରୂପରେଖ

କୃଷକ ଉତ୍ପାଦକ ସଙ୍ଗଠନ ଇନକ୍ୟୁବେସନ କେନ୍ଦ୍ର ହେଉଛି ଏପିମାସ୍ ଦ୍ୱାରା ପ୍ରୋତ୍ସାହିତ ଏକ କୃଷକ ଉତ୍ପାଦକ ସଙ୍ଗଠନକୁ ଇନକ୍ୟୁବେସନ ଏବଂ ପୋଷଣ ସହାୟତା ଯୋଗାଇବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡିକ ଏବଂ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରୋତ୍ସାହନ ତଥା ସହାୟତା ସଂସ୍ଥାର ସହଭାଗିତାରେ ଏହି ସଂସ୍ଥାଗୁଡିକର ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗରେ ବିକାଶ କରିବା। ଏହି ଅନୁଷ୍ଠାନ ଗୁଡିକର ବିକାଶ ତଥା ମଜବୁତ କରିବା ପାଇଁ ଯେପରିକି ଦର୍ଶନ, ଆଇନଗତ ନିୟମ, ପରିଚାଳନା, ଶାସନ ଏବଂ ଦକ୍ଷତା ବିକାଶ ଇତ୍ୟାଦି ସେବା ପ୍ରଦାନ କରିଥାଏ । ଏହା ବ୍ୟବସାୟିକ ବିକାଶ ସେବା ଯେପରିକି ବ୍ୟବସାୟ ଯୋଜନା, ଆର୍ଥିକ ସମନ୍ୱୟ, ବିପଣନ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟରେ ସମ୍ଭାବନା ବିକାଶରେ ବୈଷୟିକ ସହାୟତା ପ୍ରଦାନ କରିଥାଏ।


ସହାୟତା

DGRV

ଅନୁବାଦ

cysd Enable-Empower-Include

ପ୍ରକାଶନ

apmas